PRGI. REGD. NO: ORORI/25/A2124

ନିର୍ଭୀକ ଆମ
# ସମବାୟ ସମ୍ବାଦ
NIRBHIKA AMA SAMABAYA SAMBAD

●Vol -1 ●Issue - 16 ●August 01 - 15, 2026 ●Bhubaneswar ●Rs. 5 ●Pages - 08 ●Fortnightly
●ଭାଗ-୧ ●ସଂଖ୍ୟା-୧୬ ● ଅଗଷ୍ଟ ୦୧- ୧୫, ୨୦୨୬ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮ ●ପାକ୍ଷିକ

# ଗପହେଲ ବି କଥାଟି ସତ

● ରଞ୍ଜନ କୁମାର ଦାସ

ପ୍ରାଥମିକ ସ୍କୁଲରେ ପାଠ ପଢ଼ିବା ବେଳର କଥା । ଆମ ସାଙ୍ଗସାଥିମାନଙ୍କ ମଧ୍ୟରେ କୌଣସି କଥାରେ କିଛି ବି ଭେଦଭାବ ଓ ପାତର ଅନ୍ତର ନଥିଲା । ପାଠ ପଢ଼ିବା କମ, ହେଲେ ଖେଳିବା, ବୁଲିବା, ଗୀତ ଶୁଣିବା, ମଉଜ ମସ୍ତିରେ ବେଶି ସମୟ କଟୁଥିଲା । ସ୍କୁଲରେ ଉପସ୍ଥିତ ରହୁଥିବା ସମୟତକ ବେଶ୍ ହସ ଖୁସିରେ ବିତି ଯାଉଥିଲା । ପରସ୍ପର ଭିତରେ ମାଡଗୋଳି ଲାଗିବା ଠାରୁ ପୁଣି କିଏ କାହାର କଲମ, ପେନ୍‌ସିଲ, ବହି ଆଉ ପଇସା ଚୋରି କରିବା ଥିଲା ନିତିଦିନିଆ ଘଟଣା । ଘରକୁ ଗଲେ ଶୋଇବା ବେଳେ କେତେବେଳେ 'ଜେଜେ ମା' ଓ ଆଉ କେତେବେଳେ 'ବୋଉ' ଗପ କହୁଥିଲା, ସେତେବେଳେ ସେହି ଗପଗୁଡିକ ମିଛଥିଲେ ବି ଆମ ବୟସ ଦୃଷ୍ଟିରୁ ସତଭଳି ଲାଗୁଥିଲା । କିନ୍ତୁ ଏବେର ବୟସ ଦୃଷ୍ଟିରୁ ଆଉ ଆମ ଛୋଟ ପିଲା ନାହୁଁ । ଏବେ ସତ ଓ ମିଛ ଜାଣିବାର ବୟସ ଆମର ହୋଇଯାଇଛି । ସବୁ ଲେଖକ ଓ କବି ଗପ ଲେଖିବା ବେଳେ କିଛି ଭାବନାକୁ ନେଇ ଗପ ଉପସ୍ଥାପନ କରିଥାନ୍ତି । କିନ୍ତୁ ମୋ ଲେଖା ସମ୍ପୂର୍ଣ୍ଣ ଭିନ୍ନ । କାରଣ "ମୋ ଅମାନିଆ କଲମ" ସବୁବେଳେ ସତ୍ୟ ଘଟଣା ଉପରେ ଏକ କାହାଣୀ ଲେଖିଥାଏ । ପ୍ରତ୍ୟେକ ଦିନ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ମଣିଷଟିଏ ମୁଁ । ମୋ କଲମରୁ ସମବାୟ ରାଜନୀତିକକୁ ନେଇ ଏକ ସତ୍ୟ ଘଟଣା ଉପରେ ଆଧାରିତ ଗପଟିଏ -ଯାହାର ନା **"ଗପହେଲେ ବି କଥାଟି ସତ"** । ଟିକିଏ ମିଛ ନାହିଁ । ହୁଁ ମାରିଲେ କହେ ମୁଁ.. . . . . . . . . . . .

ସେଦିନ ଥିଲା ମେ ମାସ ୭ ତାରିଖ ୨୦୨୬ ମସିହା । ହଠାତ୍ କମ୍ପ୍ୟୁଟର ଖୋଲିବା ବେଳେ ଦେଖିଲି ଏନ୍.ସି.ୟୁ.ଆଇ ନୂଆଦିଲ୍ଲୀର **Governing Council** ପାଇଁ ନିର୍ବାଚନ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି ।

ସମଗ୍ର ଭାରତବର୍ଷରୁ **N.C.U.I**ର ପରିଚାଳନା କମିଟି ପାଇଁ ସମବାୟ ପ୍ରତିନିଧି ବାଛିବା ନିମନ୍ତେ ନିର୍ବାଚନ ହେବ । ସାରା ଭାରତରୁ ପ୍ରତିନିଧି ମାନେ ଆସିବେ । ଭୋଟ ଦେବେ । ମନ ଭିତରେ ଗୋଟେ ଆଗ୍ରହ ସୃଷ୍ଟି ହେଲା । ଏଥର ଓଡ଼ିଶାରୁ **N.C.U.I** ନିର୍ବାଚନ ପାଇଁ ଲଢ଼ିବା । ନିଜେ ନିଜେ ସବୁ ପ୍ରସ୍ତୁତି ତିଆରି କଲି । ଓଡ଼ିଶା ସମବାୟ ୟୁନିୟନର ସଭାପତିଙ୍କୁ ପଚାରିଲି, ମ୍ୟାଡମ୍ ଆପଣ ଛିଡା ହେବେ କି ? ସେ ଉତ୍ତର ଦେଲେ ଦେଖିବା ! ମୁଁ କହିଲି ଆପଣ ତ ଏବେ ଦଳ ପରିବର୍ତ୍ତନ କରି ବିଜେପିରେ ମିଶିଛନ୍ତି । ଅସୁବିଧା କୋଉଠି ? ଆପଣ ହଁ କହିଲେ ଆମ ଓଡ଼ିଶା ପାଇଁ ପ୍ରସ୍ତୁତି ଆରମ୍ଭ କରିବା । ବହୁ ଥର ପ୍ରଶ୍ନ ପଚାରିବା ପରେ ତାଙ୍କ ମୁହଁରୁ ହଁ ଟିକେ ଶୁଣିବା ପରେ ମୁଁ ମୋ କାର୍ଯ୍ୟରେ ଲାଗି ପଡିଲି । ଦିନପରେ ଦିନ ଗଡି ଚାଲିଥାଏ । ମହାଭାରତରୁ ରାମାୟଣ ସବୁଥିରେ ବିଭୀଷଣ ଭଳି ଲୋକଙ୍କର ଭୂମିକାକୁ ବହୁ ଗୁରୁତ୍ୱ ଦିଆଯାଇଥାଏ । ତେଣୁ ରାଜ୍ୟ ସମବାୟ ୟୁନିୟନ ସେଥିରୁ ବାଦ୍ ପଡ଼ିବ କିପରି । ସେହିଭଳି ଆମ

## ସମବାୟ ରାଜନୀତି ଉପରେ ଆଧାରିତ




ଓଡ଼ିଶା ସମବାୟ କ୍ଷେତ୍ରରେ ମଧ୍ୟ ଆମକୁ ବିରୋଧ କରିବା ପାଇଁ ଏକ ବିଭୀଷଣ ତିଆରି ହୋଇଥିଲା । କିପରି ଓଡ଼ିଶାରୁ ଜଣେ ପ୍ରତିନିଧି ଯାଇ ପାରିବ ତା ପାଇଁ ସେ ବହୁ ଯୋଜନା ତିଆରି କଲା । କିଏ ଜାଣିଥିଲା ସବୁଦିନ ହେଲୋ, ଗୁଡମର୍ଣ୍ଣିଙ୍ଗ କହୁଥିବା ବ୍ୟକ୍ତିଟା ନିଜ ସ୍ୱାର୍ଥ ପାଇଁ ପଛରୁ ଛୁରି ଭୁସିବା ଯୋଜନା କରିଛି ବୋଲି ! ପ୍ରତ୍ୟେକ କ୍ଷେତ୍ରରେ ଆଜି ବଞ୍ଚିବା ପାଇଁ ମଣିଷ-ମଣିଷକୁ ବିଶ୍ୱାସ କରିବା କଥା । କିନ୍ତୁ ସେ ଭଦ୍ରବ୍ୟକ୍ତି ଆମ ସଭାପତିଙ୍କୁ ପ୍ରତିଶ୍ରୁତି ଦେଇ ନିଜେ ନିର୍ବାଚନରେ ଛିଡା ହେବ ବୋଲି ଯୋଜନା କଲା । ଦିନେ ଭୁବନେଶ୍ୱରର ଅଫିସକୁ ଆସି କହିଲା ଦିଲ୍ଲୀ ଯିବାକୁ ପଡ଼ିବ । ଏଠି ବସିଲେ କ'ଣ ଭୋଟ ହେବ ! ଆପଣ ଦିଲ୍ଲୀ ଚାଲନ୍ତୁ । କିନ୍ତୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେ ନିଜେ ଛିଡା ହେବ ଆଉ ଆମକୁ ନିର୍ବାଚନରେ ଛିଡ଼ା ନହେବା ପାଇଁ ତା' ଯୋଜନା ପ୍ରସ୍ତୁତ କରି ସାରିଥିଲା । କିନ୍ତୁ ଏଠାରେ ଆମ ପାଖରେ ଖାଲି ଅଭିନୟ କରୁଥିଲା । ଆମେ ଦିଲ୍ଲୀ ଯିବା ଆଗରୁ ସେ ଆଗେ ଭାରତର ରାଜଧାନୀରେ ପହଞ୍ଚି ଯାଇଥିଲା ।

ଆମେ ଦିଲ୍ଲୀ ଯିବା ପାଇଁ ତାରିଖ ସ୍ଥିର ହେଲା । ଉଡାଜାହଜ ପହଞ୍ଚିଲା ଇନ୍ଦିରା ଗାନ୍ଧୀ ଏୟାରପୋର୍ଟ, ଦିଲ୍ଲୀରେ । ସେଠାରେ ଅପେକ୍ଷା କରିଥିଲା ଡ୍ରାଇଭର । କେନ୍ଦ୍ର ସମବାୟ ଓ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ପାଖ ଲୋକକୁ ଦେଖା କରିବାକୁ ପଡ଼ିବ । ସେ ବହୁତ ବ୍ୟସ୍ତ ଲୋକ । ତାଙ୍କ ସମୟ ମିଳିବା ବହୁତ କଷ୍ଟ । ଏହି ପରି ପ୍ରତି ଏକ ଘଣ୍ଟାରେ ବିଭୀଷଣର ଫୋନ ଆସି ଚାଲିଥାଏ । ଧିରେ ଧିରେ ସଂନ୍ଧ୍ୟା ହେଉଥାଏ । ହଁ କେତେବେଳେ ଭଗବାନ ଡାକିବେ ବୋଲି ମନରେ ପ୍ରଶ୍ନ ଉଠୁଥାଏ । ସେ ସମୟ ସରିଲା, ଫୋନ ଆସିଲା । ତାଙ୍କ ଛଦ୍ମନାମ, ଜେନାମଣି ଠାକୁର । ତାଙ୍କ ସହିତ ସାକ୍ଷାତ ହେଲା । ଆଲୋଚନା ହେଲା । କିନ୍ତୁ ଆମ ଓଡ଼ିଶା ବିଭୀଷଣ ଛଦ୍ମନାମ 'ଟୁକୁ ଦେ ।ରା' ତାଙ୍କ ସହିତ ଆଗରୁ କଥା ହୋଇ ସେ ନିଜେ କିପରି ଜିତିବେ ଓ ମତେ ବୁଝେଇ ଓଡ଼ିଶା ପଠାଇଦେବେ ତାହା ଯୋଜନା ପୂର୍ବରୁ ପ୍ରସ୍ତୁତ କରି ସାରିଥିଲା । ଯେମିତି କେହି କିଛି ବୁଝି ପାରିବ ନାହିଁ ।

ନିର୍ବାଚନ ତାରିଖ ଦିନକୁ ଦିନ ପାଖେଇ ଆସୁଥାଏ । ମନ ଭିତରେ ଭୟ ସେତିକି ବଢ଼ି ବଢ଼ି ଚାଲିଥାଏ । କେନ୍ଦ୍ର ସମବାୟ ୟୁନିୟନର ନିର୍ବାଚନରେ ଅଗା, ମଗା, ଖଗା ଛିଡା ହେବେ । ଆମେ ନୋମିନେସନ ବି, କରି ପାରିବା ନାହିଁ । ମନକୁ ବାରମ୍ୱାର ପ୍ରଶ୍ନ ଆନ୍ଦୋଳିତ କରୁଥାଏ । କ'ଣ କରିବା, ନିର୍ବାଚନ ଲଢ଼ିବା ନା ନାହିଁ? ପ୍ରଥମେ ନୋମିନେସନ ତ କରିବା, ତା' ପରେ ପାଖରେ କେନ୍ଦ୍ର ସମବାୟ ମନ୍ତ୍ରୀ କହିଲେ ଯାହା ନିଷ୍ପତ୍ତି ହେବ । ସେହି ସମୟରେ ବିଭୀଷଣ ମାଲ ଖାଇ ଦିଲ୍ଲୀରେ ମସଗୁଲ । ପାଞ୍ଚତାରକା ହୋଟେଲରେ ରହି ଆମ ବିହାର ଭାଇ ଭାରି ବଢ଼ିଆ କହି ତାର ପ୍ରଚାର ଆରମ୍ଭ କରିଦେଇଥାଏ । ନୋମିନେସନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଗଲା । ପ୍ରାୟ ସମସ୍ତେ ତାଙ୍କ ନାମାଙ୍କନ ପତ୍ର ଦାଖଲ କଲେ । ଆମର ତ କେହି ନାହାଁନ୍ତି । କେମିତି କଣ କରିବା ! ଚିନ୍ତା ବଢ଼ି ବଢ଼ି ଚାଲିଥାଏ ।

ଭାରତବର୍ଷର ସମସ୍ତ ରାଜ୍ୟ ସମବାୟ ୟୁନିୟନର ସମସ୍ତ ଫୋନ ନମ୍ବର ଯୋଗାଡ କରି ଫୋନ କରିବା ଆରମ୍ଭ କଲି । ଜଗନ୍ନାଥଙ୍କ ରାଜ୍ୟକୁ ସାହାଯ୍ୟ କରନ୍ତୁ ବୋଲି କହିଲି । ପ୍ରଥମେ ଆସାମ ରାଜ୍ୟରୁ ଆସିଲା ଫୋନ । ମୁଁ ଓଡିଶାକୁ ସପୋର୍ଟ କରିବି । ତାପରେ କର୍ଣ୍ଣାଟକ ମଧ୍ୟ ରାଜି ହୋଇଗଲା । ମୁଁ ସପୋର୍ଟ କରିବି, ଆପଣ ଆସନ୍ତୁ ଆମଠାରୁ ଦସ୍ତଖସ୍ତ ନେଇଯିବେ । ଭାବିଲି ଯାହାହେଉ ଆମ ଡାକ ଜଗନ୍ନାଥ ଶୁଣିଲେ ।

ମୋ ଦେହ ଖରାପ ସତ୍ୱେ ବି ଆଜି ସକାଳେ ଆସାମ ତ କାଲି ସକାଳେ ବାଙ୍ଗାଲୋର ଏମିତି ପ୍ରତ୍ୟେକ ରାଜ୍ୟକୁ ଯାଇ ଆମ ନୋମିନେସନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲୁ । ସେହି ସମୟ ମଧ୍ୟରେ ସିକିମ ଓ ମହାରାଷ୍ଟ୍ର ରାଜ୍ୟ ସମବାୟ ୟୁନିୟନ କହିଲେ ଆମେ ଓଡ଼ିଶାକୁ ମଧ୍ୟ ସପୋର୍ଟ କରିବୁ । ୪ ଗୋଟି ରାଜ୍ୟ ମୋତେ ସପୋର୍ଟ କରିବା ଶୁଣି ଭାବିଲି, ନିଶ୍ଚୟ ନିର୍ବାଚନ ହେଲେ ଆମେ ଜିତିବା ପାଇଁ ଭୋଟ ହୋଇଯିବ । ତେଣୁ ମନ ଭିତରେ ଆଗ୍ରହ ଆସିଲା । ଆମେ ଜିତିବା ପାଇଁ ଆମ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କଲୁ ।

ନୋମିନେସନ ପ୍ରକ୍ରିୟାର ତାରିଖ ଘୁଞ୍ଚିଲା । ଭାବିଲି ଆମ ପାଇଁ ବୋଧେ ତାରିଖ ଘୁଞ୍ଚିଲା । ଭୋଟ ପାଇଁ ମଧ୍ୟ ପ୍ରଚାର, ପ୍ରସାରକୁ ଜୋରଦାର କଲୁ । ଶେଷରେ ନୋମିନେସନ କରିବାରେ ଆମେ ସଫଳ ହେଲୁ । ଠିକ୍ ସେହି ସମୟରେ ଆମ ଜୋନ୍‌ରେ ଥିବା ବିହାର ରାଜ୍ୟଟି ମଲ୍ଟି ଷ୍ଟେଟ୍ ଆକ୍ଟ-୨୦୦୨ରେ ରେଜିଷ୍ଟ୍ରେସନ ହୋଇଥିବା ଖବର ଜାଣିଲୁ । ଦିଲ୍ଲୀ (ସି.ଆର୍.ସି.ଏସ୍ ଅଫିସ ଯୋଗାଯୋଗ କରିବା ପରେ ଜାଣିଲୁ ବିହାର ରାଜ୍ୟ ସମବାୟ ୟୁନିୟନ ଆମ ଜୋନରେ ଭୁଲରେ ପଶି ଆସିଛି ତାଙ୍କ ପାଇଁ ଅଲଗା ଜୋନ୍ ପ୍ରସ୍ତୁତ ଅଛି । ଏନ୍.ସି.ୟୁ.ଆଇର କିଛି ଲୋକଙ୍କୁ ପଚାରି ଜାଣିଲୁ ମଲ୍‌ଟି ଷ୍ଟେଟ୍ ଆକ୍ଟ-୨୦୦୨ର ସ୍ୱତନ୍ତ୍ର ଜୋନ୍ ଅଛି । ବିହାର ସେହି ଜୋନ୍‌କୁ ଯିବା କଥା । ମୁଁ ସଙ୍ଗେ ସଙ୍ଗେ ସମସ୍ତ ପ୍ରମାଣପତ୍ର ସହ ଏକ ଅଭିଯୋଗ ନିର୍ବାଚନ ଅଧିକାରୀଙ୍କୁ ଜଣାଇଲି । ନିର୍ବାଚନ ଅଧିକାରୀ ଦେଖିବା ପରେ ତାଙ୍କ ମୁଣ୍ଡ ଟିଣ ହୋଇଗଲା । କ'ଣ କରିବେ କିଛି ବୁଦ୍ଧି ତାଙ୍କର ପଶିଲା ନାହିଁ ବୋଲି ଜାଣିଲି । ଓଡ଼ିଶା ଜିତିଯିବ, ବିହାର କଟିଯିବ ବୋଲି ଖବର ପ୍ରସାରିତ ହୋଇଗଲା ।

ସେହି ସମୟରେ ଓଡ଼ିଶାର ଥିବା ବିଭୀଷଣ ମୋ ପାଖକୁ ଫୋନ କଲା ଓ ହ୍ୱାଟ୍‌ସ ଆପରେ ମେସେଜ ଦେଲା ତୁ ତୋ ଅଭିଯୋଗକୁ ଉଠାଇ ନେ । ମୁଁ କହିଲି କାହିଁକି ? ସେ ଉତ୍ତର ଦେଲେ ଅମିତ ଶାହାଙ୍କ ଅଫିସରୁ ଫୋନ ଆସିଛି । ସେ ବିହାରର 'ନିତିନ ନବୀନ'ଙ୍କ ଲୋକ । ତେଣୁ ତା' ବିରୁଦ୍ଧରେ ଯାଇ ହେବନି । ମୁଁ ହଁ କରିବି କହି ଫୋନ୍ ବନ୍ଦ କରିଦେଲି । ସେ ମୋତେ ନପାଇବାରୁ, ଆମ ସଭାପତିଙ୍କୁ ଖୋଜିଲା । ତାଙ୍କୁ ବି କହିଲା ତୁମେ ଗୋଟେ ଲେଖିକି ଦିଅ । ସେ ଯିଏ ଅଭିଯୋଗ ଦେଇଛି ମୁଁ ତାକୁ ଚିହ୍ନି ନାହିଁ ବୋଲି । ବାରମ୍ୱାର ଫୋନ୍ ଆସିବାରୁ ସଭାପତି ମଧ୍ୟ ଫୋନ ବନ୍ଦ କରିଦେଲେ । ଆମ ଦୁଇଜଣଙ୍କ ଫୋନ୍ ବନ୍ଦ ଥିବାରୁ ଜଣେ ପୂର୍ବତନ ବିଧାୟକଙ୍କୁ ଫୋନ୍ କରି କହିଲା ଅମିତ ଶାହା ଖୋଜୁଛନ୍ତି । କେମିତି ବି ହେଉ ରଞ୍ଜନ ଦାସଙ୍କ ଅଭିଯୋଗ ଉଠେଇବାକୁ ପଡ଼ିବ । ଆପଣ ଟିକେ ଦେଖନ୍ତୁ । ସେ ପୂର୍ବତନ ବିଧାୟକ ବି ଆମକୁ ପାଇଲେ ନାହିଁ । ➔ଅବଶିଷ୍ଟାଂଶ ପୃଷ୍ଠା ୨







ପ୍ରଥମ ପୃଷ୍ଠାରୁ...

# ଗପହେଲ ବି କଥାଟି ସତ

ଶେଷରେ ନିରୁପାୟ ହୋଇ ଏକ ଛଦ୍ମ ବେଶରେ ବିଭୀଷଣ ନିଜେ ରଞ୍ଜନ ଦାସଙ୍କ ନାମରେ ଫଲ୍ସ ଦସ୍ତଖତ କରି ନିର୍ବାଚନ ଅଧିକାରୀଙ୍କ ପାଖରେ ଅଭିଯୋଗ ପ୍ରତ୍ୟାହାର କାଗଜଟିକୁ ଦାଖଲ କଲା । ମୋ ନାମରେ ମିଥ୍ୟା କାଗଜ ଦେବା ପରେ ନିର୍ବାଚନ ଅଧିକାରୀ ଆଉ ବିହାର ରାଜ୍ୟକୁ କାଟିଲେ ନାହିଁ । ତେଣୁ ଶେଷରେ ଓଡ଼ିଶା-ବିହାର ଲଢ଼େଇ ହେବ ବୋଲି ପ୍ରସ୍ତୁତି ଚୂଡ଼ାନ୍ତ ହେଲା ।

କିନ୍ତୁ ବିଭୀଷଣଙ୍କର ଚକ୍ରାନ୍ତରେ ମନ ଶାନ୍ତ ହେଲାନାହିଁ । ଆମେ ଦିଲ୍ଲୀରେ ଥିବାବେଳେ ବିଭିନ୍ନ ରାସ୍ତାରେ ଫୋନ କରିବା ଆରମ୍ଭ କଲା । ଓଡ଼ିଶାର ଲୋକ ହୋଇ ଓଡ଼ିଶାକୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ବାଧ କଲା ।

ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ଶେଷ ସମୟ ଥାଏ ଦିନ ୩ଟା । ସେତେବେଳେ କିଛି ପୋଲିସ ଗୁଣ୍ଡା ଆମ ଓଡ଼ିଶା ପ୍ରାର୍ଥୀ ତଥା ରାଜ୍ୟ ସମବାୟ ୟୁନିୟନର ସଭାପତିଙ୍କ ଭାଇଙ୍କୁ ଭୁବନେଶ୍ୱରରୁ ଉଠାଇ ନେଇଗଲେ । ଆଜି ବି ମନ ଭିତରେ ପ୍ରଶ୍ନ ସେ ପୋଲିସ ଗୁଣ୍ଡା କିଏ ? କାହିଁକି ଉଠାଇ ନେଲେ, କ'ଣ ତାଙ୍କ ଉଦ୍ଦେଶ୍ୟ ଥିଲା । ଆପଣ ଏସବୁ ଫିଲ୍ମରେ ଦେଖିଥିବେ, କିନ୍ତୁ ଏହା ପୁରା ସତ୍ୟ ଘଟଣା ଉପରେ ଆଧାରିତ । ଆଜି ମନ ଭିତରେ ଏ ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଛି । ପୋଲିସ ଗୁଣ୍ଡା କାହା ନିର୍ଦ୍ଦେଶରେ କାମ କରୁଥିଲେ ?

ପୋଲିସ ଗୁଣ୍ଡାମାନେ ଉଠାଇ ନେଇ କହିଲେ ତୋ ଭଉଣୀକୁ କହ **NCUI** ନିର୍ବାଚନରୁ ଓହରି ଯିବ, ତାହାହେଲେ ତତେ ଛାଡ଼ିଦେବୁ । କିନ୍ତୁ ଗୁଣ୍ଡାମାନଙ୍କୁ ଜଣା ନଥିଲା ଦିନ ୩ଟା ସମୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ସରିଯାଇଛି । ମୁଁ ଏସବୁ ଶୁଣିବା ପରେ ଦିନ ୪.୩୦ରେ ନିର୍ବାଚନ ଅଧିକାରୀ ଅଗଷ୍ଟକ୍ରାନ୍ତି ମାର୍ଗ ଦିଲ୍ଲୀଙ୍କ ପାଖରେ ପହଞ୍ଚିଲି । କହିଲି ଆମ ଓଡ଼ିଶା ପ୍ରାର୍ଥୀପତ୍ର ପ୍ରତ୍ୟାହାର କାଗଜ ରଖନ୍ତୁ । ସେ ମନାକଲେ । କହିଲେ ସମୟ ସରିଯାଇଛି, ଆଉ ରଖିହେବ ନାହିଁ । ଏ ଥିଲା ସମୁଦାୟ ଗପର ଟେଲର । ଠିକ୍‌ସଂନ୍ଧ୍ୟା ୭ଟା ସମୟରେ ବାହାରିଲା ଫାଇନାଲ ପ୍ରାର୍ଥୀ ତାଲିକା । ଆସିଗଲା ଏବେ ସତ୍ୟକୁ ସାମ୍ନା କରିବାର ଲଢ଼େଇ । ସବୁ ଆଡୁ ବିଭୀଷଣ ଚେଷ୍ଟା କଲାପରେ ବି ଆମେ ବିଭୀଷଣକୁ ନ ଡରି ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲୁ । ୩୦ ଗୋଟି ରାଜ୍ୟରୁ ୧୮ଟି ରାଜ୍ୟର ୧୮ଖଣ୍ଡ ଭୋଟ । ସମସ୍ତଙ୍କୁ ଫୋନ୍ କଲୁ । ଆଲୋଚନା ମଧ୍ୟ କଲୁ । ୧୨ ଖଣ୍ଡ ଭୋଟ୍ ନିଶ୍ଚିତ ପାଇବୁ ବୋଲି ଆଶା ମଧ୍ୟ ରଖିଲୁ ।

ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଥାଏ ସେତେ ଡର ମାଡୁଥାଏ । ଠିକ୍ ସେୟା ହେଲା । ଆମକୁ ଭୋଟ ଦେବା ପାଇଁ ପ୍ରାୟ ୧୦ ଗୋଟି ରାଜ୍ୟର ଭୋଟର ଆସି ଦିଲ୍ଲୀରେ ପହଞ୍ଚି ସାରିଥିଲେ । କିଏ ତାଙ୍କ ଅତିଥି ଭବନରେ ରହୁଥିଲେ ତ ଆଉ କେତେକ ରାଜ୍ୟ ପାଇଁ ଉଦ୍ଦିଷ୍ଟ ଭବନରେ ରହୁଥିଲେ । ରାତି ପାଇଲେ ଭୋଟ ହେବ । ସମସ୍ତଙ୍କୁ ଦେଖା କଲୁ । ଆଶୀର୍ବାଦ ଭିକ୍ଷା କଲୁ । ସମସ୍ତେ ଜଗନ୍ନାଥ ରାଜ୍ୟକୁ ଆଶୀର୍ବାଦ କଲେ ।

କିନ୍ତୁ ଠିକ୍ ବିଭୀଷଣର ଚକ୍ରାନ୍ତରେ ରାତିରେ ଏକ ଜରୁରୀ ବୈଠକ ହେବ ବୋଲି ସବୁ ଭୋଟରମାନଙ୍କୁ ମେସେଜ ଗଲା । ଆମର ସବୁ ଭୋଟରଙ୍କୁ ଗାଡ଼ିରେ ଦିଲ୍ଲୀର ଗୁଣ୍ଡାମାନେ ଉଠେଇ ନେଲେ ଓ ଗୋଟେ ହୋଟେଲରେ ସମସ୍ତଙ୍କୁ ବନ୍ଦ କରି ରଖିଲେ ଓ ସେମାନଙ୍କୁ କହିଲେ ଏହିଠାରୁ ଆମ ଗାଡି ନେଇ ଯିବ, ଭୋଟ ଦେବାକୁ । ସେହି ହୋଟେଲର ସମସ୍ତ କାର୍ଯ୍ୟର ମୂଖ୍ୟ ଭୂମିକାରେ ଥିଲେ ଆମ ଓଡ଼ିଶାର ବିଭୀଷଣ । ସେହିଦିନ ରାତିରେ ଏକ ମିଛ କାଗଜ ପ୍ରସ୍ତୁତ କରିଥିଲେ । ଯେଉଁଥିରେ ଲେଖାଥିଲା ଭାରତୀୟ ଜନତା ପାର୍ଟିର ଅଫିସିଆଲ ପ୍ରାର୍ଥୀ 'ବିହାର' ବୋଲି ଘୋଷଣା କରିଥିଲେ । ସେତେବେଳକୁ ରାତି ୧୨ଟା । ମୁଁ ଶୁଣିବା ପରେ ପୁଣି ଧିରେ ଧିରେ ସମସ୍ତଙ୍କ ସହିତ ଯୋଗାଯୋଗ କଲି । ସମସ୍ତେ ଭୟଭିତ ଅବସ୍ଥାରେ ଥାଆନ୍ତି ବୋଲି ଜାଣିଲି । ସମସ୍ତଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି କହିଲେ । କିନ୍ତୁ ସେହି ୧୮ ଜଣଙ୍କ ଭିତରୁ ୪ଜଣ ଆସି ନଥିଲେ ବା ହୋଟେଲରେ ନଥିଲେ । ୧୮ ତାରିଖ ଭୋଟ ଦିନ ଆସିବେ ବୋଲି ସେମାନେ କହିଥିଲେ । ତାଙ୍କୁ ମଧ୍ୟ ଫୋନ ଯାଇଥିଲା । କିନ୍ତୁ ସେମାନେ କିଛି ଜାଣିନଥିବାରୁ ୪ ଜଣ ଓଡ଼ିଶାକୁ ସପୋର୍ଟ କଲେ । ଆମ ଓଡ଼ିଶା ଭୋଟକୁ ମିଶାଇ ଆଉ ଜଣେ ନ ଡରି ଜଗନ୍ନାଥ ରାଜ୍ୟକୁ ଭୋଟ ଦେବି ବୋଲି କହି ଭୋଟ ଦେଲେ । ସମୁଦାୟ ୬ ଗୋଟି ରାଜ୍ୟ ଓଡ଼ିଶାକୁ ଭୋଟ ଦେଲେ ଓ ଜଗନ୍ନାଥଙ୍କ ଆଶୀର୍ବାଦ ନେଲେ ।


ଶେଷରେ ବିଭୀଷଣ ତା ସମବାୟ ରାଜନୀତିର ପଶାପାଲିରେ ଜୟ ଲାଭ କଲା । ଏବେ ସେ କିଛି ଦିନ ତଳେ ଭାରତୀୟ ଜନତା ପାର୍ଟିର ଯୋଗ ଦେଇ ମଧ୍ୟ ଦିଲ୍ଲୀରେ ଦୀର୍ଘ ୧୫ ବର୍ଷ ଧରି ବିଜେପିରେ ଅଛି ବୋଲି ମିଛ ପରିଚୟ ଦେଇ ତାଙ୍କର ଗୋଲାମଗିରି କରୁଛି ବୋଲି ଜଣାପଡିଲା । ସେଠାରେ ଥିବା ଉତ୍ତର ପ୍ରଦେଶର ଠାକୁର ଫାର୍ମ ହାଉସରେ ସବୁ ମଦୁଆମାନଙ୍କୁ ଗ୍ଲାସରେ ମଦ ଢ଼ାଳି ଦେବା ସହ ବିଭିନ୍ନ ଫଟୋ ମଧ୍ୟ ମୋ ସାମ୍ନାକୁ ଆସିଲା ।


ଏବେ ଦେଖିବାକୁ ବାକି ରହିଲା ବିଭୀଷଣ କେବେ ଏନ୍.ସି.ୟୁ.ଆଇରେ ରାମ ରାଜ୍ୟର ପ୍ରତିଷ୍ଠା କରିବେ ନା ତାକୁ ବନ୍ଦ କରିବେ । ଏ ଗପଟି ସମ୍ପୂର୍ଣ୍ଣ ସତ୍ୟ ଘଟଣା ଉପରେ ଆଧାରିତ । କାହାର ବ୍ୟକ୍ତିତ୍ୱକୁ କ୍ଷୁର୍ଣ୍ଣ କରିବା ମୋର ଉଦ୍ଦେଶ୍ୟ ନୁହେଁ ।


ଏହି ଲେଖାଟି ଲେଖିବା ସମୟରେ ସେହି ପୁରୁଣା ଦିନର ଛୋଟ ବୟସର ପୁରୁଣା ଗୀତଟି ମୋ ଟେବୁଲରେ ଥିବା ରେଡ଼ିଓରୁ ଭାସି ଆସିଲା –
ଗପହେଲେ ବି କଥାଟି ସତ, ଟିକିଏ ମିଛ ନାହିଁ ।

ହୁଁ ମାରିଲେ କହେ ମୁଁ. . . . . .

## ସୋସିଆଲ ମିଡ଼ିଆ












# କୃଷକ ପଞ୍ଜୀକରଣ ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ବୈଠକ

## ଆସନ୍ତା ଅଗଷ୍ଟ ୨୦୨୬ ସୁଦ୍ଧା ସମସ୍ତ ଯୋଗ୍ୟ ଚାଷୀଙ୍କ ପଞ୍ଜୀକରଣ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

## କମ୍ କିମ୍ବା ଶୂନ୍ୟ ପଞ୍ଜୀକରଣ ହୋଇଥିବା ଗ୍ରାମଗୁଡ଼ିକରେ ସ୍ୱତନ୍ତ୍ର କ୍ୟାମ୍ପ ସହ ହେବ ବ୍ୟାପକ ଜନସଚେତନତା




ଝାରସୁଗୁଡ଼ା: କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା କୃଷକ ପଞ୍ଜୀକରଣ' ଅଧୀନରେ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ଜିଲ୍ଲାରେ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ ଚାଷୀ ପଞ୍ଜୀକରଣର ଅଗ୍ରଗତି ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ଲଳିତ ସୋରେଙ୍ଗ, ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ସବ୍ୟସାଚୀ ପଣ୍ଡା ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରଦୀପ କୁମାର ନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ସମସ୍ତ ଚାଷୀଙ୍କ ଜମିର ମାଲିକାନା ସହ ଜଡ଼ିତ ଏକ ଏକୀକୃତ ଏବଂ ଯାଞ୍ଚ ହୋଇଥିବା ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରିବା। ଏହାଦ୍ୱାରା ପିଏମ-କିସାନ, ସିଏମ-କିସାନ, ଧାନ ସଂଗ୍ରହ, ଫସଲ ବୀମା ଏବଂ ସରକାରୀ ସାର ସବ୍‌ସିଡି ଭଳି ପ୍ରମୁଖ ଯୋଜନାଗୁଡ଼ିକର ସୁଫଳ କୌଣସି ହେରଫେର ନହୋଇ ସିଧାସଳଖ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସ୍ୱଚ୍ଛତାର ସହ ପହଞ୍ଚିପାରିବ। ଆସନ୍ତା ଅଗଷ୍ଟ ୨୦୨୬ ସୁଦ୍ଧା ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ଶତପ୍ରତିଶତ ସମ୍ପୂର୍ଣ୍ଣ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ଚଳିତ ଜୁଲାଇ ୧୩ ତାରିଖ ସୁଦ୍ଧା ଝାରସୁଗୁଡ଼ା ଜିଲ୍ଲାରେ ଚାଷୀଙ୍କ ପଞ୍ଜୀକରଣ ୭୩.୫ ପ୍ରତିଶତ ଅଗ୍ରଗତି ହୋଇଛି, ଯେଉଁଥିରେ ଝାରସୁଗୁଡ଼ା ବ୍ଲକ ସର୍ବାଧିକ ୯୭.୩୫% ହାସଲ କରି ସର୍ବାଗ୍ରେ ରହିଛି। ବାକି ରହିଯାଇଥିବା ସମସ୍ତ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳ ସମସ୍ତ ସେବା ପ୍ରଦାନକାରୀ ଅପରେଟର, କୃଷକ ରେଜିଷ୍ଟ୍ରି ସହାୟକ, ସାଧାରଣ ସେବା କେନ୍ଦ୍ର, କୃଷି ଓ ଆନୁଷଙ୍ଗିକ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀ ଏବଂ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଜିଲ୍ଲାର ଯେଉଁ ସବୁ ଗ୍ରାମରେ ଚାଷୀଙ୍କ ପଞ୍ଜୀକରଣ ଅତି କମ୍ କିମ୍ବା ଶୂନ୍ୟ ରହିଛି, ସେହି ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ଏନରୋଲମେଣ୍ଟ କ୍ୟାମ୍ପ ଆୟୋଜନ କରିବାକୁ ଜିଲ୍ଲାପାଳ କହିଛନ୍ତି। ଏହାସହ ଚାଷୀମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର 'ଫାର୍ମର ଆଇଡି' ପାଇବାର ଉପକାରିତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଗୋଦାମରେ ମହଜୁଦ ସାର: ଚାଷୀଙ୍କ ମଧ୍ୟରେ ଅସନ୍ତୋଷ



ପାରଳାଖେମୁଣ୍ଡି:ଗଜପତି ଜିଲ୍ଲାରେ ଖରିଫ ଚାଷ କାର୍ଯ୍ୟ ଜୋର ଧରିଥିବା ବେଳେ ସାର ସଙ୍କଟକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଗୋଦାମରେ ସାର ମହଜୁଦ ଥିବା ସତ୍ତ୍ୱେ ପ୍ରକୃତ ଚାଷୀଙ୍କୁ ସମୟରେ ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ବେସରକାରୀ ବଜାରରୁ ଚାରିଗୁଣ ପର୍ଯ୍ୟନ୍ତ ଅଧିକ ଦରରେ ସାର କିଣିବାକୁ ବାଧ୍ୟ ହେଉଥିବା କହିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ, ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଚାଷୀଙ୍କୁ ପ୍ରାଥମିକତା ଭିତ୍ତିରେ ସାର ବଣ୍ଟନ ନକରି ଅଣ ଚାଷୀଙ୍କ ମାଧ୍ୟମରେ ବେପାରୀଙ୍କୁ ସାର ବିକ୍ରି କରାଯାଉଛି। ପରେ ସେହି ସାରକୁ ଖୋଲା ବଜାରରେ ଅଧିକ ଦରରେ ବିକ୍ରି କରାଯାଉଥିବାରୁ ପ୍ରକୃତ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ସମବାୟ ସମିତିରୁ ସାର ନମିଳିବାରୁ ଚାଷୀମାନେ ବାଧ୍ୟ ହୋଇ ବଜାରରୁ ଅଧିକ ଦରରେ ସାର କ୍ରୟ କରୁଛନ୍ତି ଯାହା ପ୍ରକୃତ ମୂଲ୍ୟଠାରୁ ୩ରୁ ୪ ଗୁଣ ଅଧିକ । ଅନ୍ୟ ପକ୍ଷରେ ସୋସାଇଟିରେ ମଧ୍ୟ ପରିବହନ ଓ ଅନାନ୍ୟ ଖର୍ଚ୍ଚ ଆଳରେ ସରକାର ଧାର୍ଯ୍ୟ ମୂଲ୍ୟ ଠାରୁ ୫୦ରୁ ଶହେ ଟଙ୍କା ଅଧିକ ନେଉଥିବା ଅଭିଯୋଗ ହୋଇଛି । ୟୁରିଆ ୨୬୬ ଟଙ୍କା ହୋଇଥିବା ବେଳେ ୩୦୦ରୁ ୩୫୦ ଟଙ୍କା ଏବଂ ଡିଏପି ୧୩୫୦କୁ ୧୪୫୦ ସେହିଭଳି ଏମଓପି ୨୨୦୦ ଟଙ୍କା ରହିଥିବା ବେଳେ ୨୫୦୦ରୁ ୨୬୦୦ ଟଙ୍କା ନେଉଥିବା ଅଭିଯୋଗ ହୋଇଛି ।

### କଳାବଜାରୀ ଅଭିଯୋଗ

ଚାଷୀ ବାଲ ପ୍ରଧାନ, କାର୍ତ୍ତିକ ପ୍ରଧାନଙ୍କ ଅଭିଯୋଗ, ସରକାରୀ ରିହାତି ମୂଲ୍ୟରେ ଯୋଗାଯାଉଥିବା ସାରକୁ ବଜାରରେ ବିକ୍ରି ହେଉଥିବାରୁ ସେମାନେ ଆବଶ୍ୟକ ପରିମାଣର ସାର ପାଇପାରୁ ନାହାନ୍ତି। ଏହାର ସିଧାସଳଖ ପ୍ରଭାବ ଧାନ ଚାଷ ଉପରେ ପଡୁଥିବା ବେଳେ କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାରେ ପର୍ଯ୍ୟାୟକ୍ରମେ ସାର ଯୋଗାଣ ଚାଲିଛି ଏବଂ ଆବଶ୍ୟକତା ଅନୁଯାୟୀ ସାର ବଣ୍ଟନ କରାଯାଉଛି। କଳାବଜାରୀ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମିଳିନଥିବା ବେଳେ ଏପରି ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ସ୍ପଷ୍ଟ କରିଛି। ତେବେ ସାର ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା, ପ୍ରକୃତ ଚାଷୀଙ୍କୁ ପ୍ରାଥମିକତା ଦେବା ଏବଂ କଳା ବଜାରୀକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ରଖିଛନ୍ତି ଚାଷୀ ନେତା ପ୍ରଶାନ୍ତ କୁମାର ପାଳ ।

# ଛତିଶଗଡ଼-ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ 'ମହାନଦୀ' ଆଲୋଚନା: ମଧ୍ୟସ୍ଥତା କଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ପ୍ରକ୍ରିୟା ଆଉ ପାଦେ ଆଗେଇଛି। ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ରହି ମହାନଦୀ ଜଳ ବିବାଦର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ, କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଚିବ ଏବଂ ଉଚ୍ଚ ପଦାଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ। ବୈଠକରେ ଓଡ଼ିଶାର ଅଧିକାର, ଜନସାଧାରଣଙ୍କ ସ୍ୱାର୍ଥ, ଚାଷୀକୁଳର ହିତ ଏବଂ ପରିବେଶର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଭିତରେ ଉଭୟ ରାଜ୍ୟ ମଧ୍ୟରେ ସହଯୋଗ, ସମନ୍ୱୟ ଓ ଗଠନମୂଳକ ଆଲୋଚନା ଜରିଆରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ ପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶାର ଅଧିକାର, ଚାଷୀଙ୍କ ଭବିଷ୍ୟତ ଓ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମ ପକ୍ଷକୁ ଦୃଢ଼ତାର ସହ ଉପସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଗାମୀ ୩ ମାସ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିବ। ୩ ମାସ ମଧ୍ୟରେ ମହାନଦୀ ଜଳ ବଣ୍ଟନ ଓ ପରିଚାଳନାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଯେଉଁ ସମସ୍ୟାଗୁଡ଼ିକ ରହିଛି, ତା'ର ସମାଧାନ କରାଯିବ।

# ଓଡ଼ିଶାର ଅକ୍ଷୟଶକ୍ତି କ୍ଷେତ୍ରରେ ଆଦାନୀ ଗ୍ରୁପ୍ ପୁଞ୍ଜି ନିବେଶ କରିବ ୧.୫ଲକ୍ଷକୋଟି ଟଙ୍କା



ଭୁବନେଶ୍ୱର: ଅଦାନୀ ଗ୍ରୁପ୍‌ର ପ୍ରତିନିଧିମାନେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରି ରାଜ୍ୟରେ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ୧.୫ ଲକ୍ଷ କୋଟି ଟଙ୍କାର ବୃହତ୍ ପୁଞ୍ଜି ନିବେଶ ପାଇଁ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହି ନିବେଶ ପଦକ୍ଷେପର ଅଂଶସ୍ୱରୂପ, ବିଶ୍ୱସନୀୟ ଏବଂ କମନିର୍ଗମନ ବିଶିଷ୍ଟ ଶକ୍ତି ଯୋଗାଇବା ପାଇଁ ଅଦାନୀ ଗ୍ରୁପ୍ ଦୁଇଟି ୩୦୦୦ ମେଗାୱାଟ୍‌ର ପରମାଣୁ ବିଦ୍ୟୁତ୍ ପ୍ରକଳ୍ପ , ୨୪୦୦ ମେଗାୱାଟ୍‌ର ୟୁଏସ୍‌ସି ଥର୍ମାଲ୍ ପାୱାର୍ ପ୍ଲାଣ୍ଟ ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ (ପିଏସପି) ସ୍ଥାପନ କରିବାକୁ ସରକାରଙ୍କ ନିକଟରେ ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ ଆଦାନୀ ଗ୍ରୁଫ୍ ପକ୍ଷରୁ ଓଡ଼ିଶାର ନୟାଗଡ଼ ଜିଲ୍ଲାରେ ୧.୮୦ ଗିଗାୱାଟ୍‌ର ଏକ ପମ୍ପଡ ଷ୍ଟୋରେଜ୍ ପ୍ରକଳ୍ପ ବିକଶିତ କରାଯାଉଛି। ଶକ୍ତି ଆଇନ୍ ୨୦୨୫ର ଉପଯୋଗ କରି ଓଡ଼ିଶାର ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ବହୁ ପରିମାଣରେ ବୃଦ୍ଧି କରିବା ସହ ଆକଳନ ଅନୁଯାୟୀ ୨୨,୦୦୦ ରୁ ଅଧିକ ପ୍ରତ୍ୟେକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବାଂଲାଦେଶକୁ ୪ ଦିନ ମହଲତ ଦେଲା ଆଦାନି, ବକେୟା ନଦେଲେ ବିଜୁଳି ଯୋଗାଣ ବନ୍ଦ ହେବ ଏହି ଆଲୋଚନାରେ ଆଦାନୀ ପାୱାର ଲିମିଟେଡ୍‌ର ପ୍ରତିନିଧି, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ଗ୍ରିଡ଼କୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ, ଓପିଜିସି, ଓଏଚପିସି, ଗ୍ରିଡ଼କୋର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡାକ୍ତର ଦେବେନ୍ଦ୍ର ପ୍ରଧାନ: ବିଶିଷ୍ଟ ଜନଙ୍କ ଦୃଷ୍ଟିକୋଣ



●ଡକ୍ଟର ମନସା ଶ୍ରୀ ଚନ୍ଦନ ରାୟ

ଜଣେ ବ୍ୟକ୍ତିଙ୍କର ପ୍ରକୃତ ପରିଚୟ କେବଳ ତାଙ୍କ କର୍ମଜୀବନରେ ସୀମିତ ରହେନାହିଁ; ବରଂ ତାଙ୍କ ସମକାଳୀନ, ସହଯାତ୍ରୀ, ବନ୍ଧୁ, ସହକର୍ମୀ ଏବଂ ବିଶିଷ୍ଟ ବୁଦ୍ଧିଜୀବୀମାନଙ୍କ ଅନୁଭବ, ଅଭିମତ ଓ ସ୍ମୃତିଚାରଣରେ ତାହା ଅଧିକ ଜୀବନ୍ତ ଓ ସମ୍ପୂର୍ଣ୍ଣ ହୋଇଉଠେ। ସେହି ଅର୍ଥରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ କେବଳ ଜଣେ ଚିକିତ୍ସକ କିମ୍ବା ସାର୍ବଜନିକ ବ୍ୟକ୍ତିତ୍ୱ ନୁହନ୍ତି; ସେ ଥିଲେ ମୂଲ୍ୟବୋଧ, ସେବା, ନେତୃତ୍ୱ ଓ ମାନବିକତାର ପ୍ରତୀକ। ତାଙ୍କୁ ନେଇ ବିଭିନ୍ନ ବୁଦ୍ଧିଜୀବୀ, ସାହିତ୍ୟିକ, ପ୍ରଶାସକ, ରାଜନେତା ଏବଂ ସମାଜସେବୀମାନେ ଯେଉଁ ମତାମତ ପ୍ରକାଶ କରିଛନ୍ତି, ସେଗୁଡ଼ିକ କେବଳ ଜଣେ ବ୍ୟକ୍ତିଙ୍କ ପ୍ରଶଂସା ନୁହେଁ, ବରଂ ତାଙ୍କ ବ୍ୟକ୍ତିତ୍ୱର ବହୁମାତ୍ରିକ ଦିଗର ଏକ ନିର୍ଭରଯୋଗ୍ୟ ଦଲିଲ। ସେହି ସମସ୍ତ ଅଭିମତ ଓ ଅନୁଭୂତିକୁ ଆଧାର କରି ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଜୀବନ, କର୍ମ ଓ ବ୍ୟକ୍ତିତ୍ୱର ସାର୍ଥକତାକୁ ଅନୁଧ୍ୟାନ କରିବା ହିଁ ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

ମଣିଷର ଜୀବନର ପ୍ରକୃତ ସାର୍ଥକତା ତାହାର ଦୀର୍ଘାୟୁରେ ନୁହେଁ, ବରଂ ସେ ନିଜ ସମୟକୁ କେତେ ଅର୍ଥବହ କରିପାରିଲା, ମଣିଷର ଜୀବନରେ କେତେ ଆଲୋକ ବିତରଣ କରିପାରିଲା ଓ ସମାଜ ପାଇଁ କେତେ ମୂଲ୍ୟବୋଧ ଛାଡ଼ିଯାଇପାରିଲା, ସେଥିରେ ନିହିତ। କେତେକ ବ୍ୟକ୍ତିତ୍ୱ ସମୟର ସୀମାକୁ ଅତିକ୍ରମ କରି ଏକ ଯୁଗର ପ୍ରତୀକରେ ପରିଣତ ହୁଅନ୍ତି। ସେମାନଙ୍କ ଜୀବନ କେବଳ ଘଟଣାର ସମାହାର ନୁହେଁ; ତାହା ଆଦର୍ଶ, ନୈତିକତା, କର୍ତ୍ତବ୍ୟବୋଧ ଓ ମାନବିକତାର ଜୀବନ୍ତ ଆଲେଖ୍ୟ ପାଲଟି ଯାଏ । ସେହିପରି ଜଣେ ଦୁର୍ଲଭ ବ୍ୟକ୍ତିତ୍ୱ, ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟ ଦକ୍ଷତା ଜୀବନ ସେବାରେ ପରିପୂର୍ଣ୍ଣ ଯାହାଙ୍କ ନିଷ୍ଠା ଓ ଏକାଗ୍ରତାର ସୌରଭରେ ସୁଗନ୍ଧିତ । ସେଥି ପାଇଁ ବୋଧେ ଓଡ଼ିଶାର ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କୁହନ୍ତି –" ଡାକ୍ତର ପ୍ରଧାନଙ୍କ ସଦା ହସ ହସ ମୁହଁ ନିରଳସ ଓ ଅମାୟିକ ବ୍ୟାବାହର ପାଇଁ ସେ ସମସ୍ତଙ୍କୁ ଆପଣାର କରିପାରିଥିଲେ। (ପୃ ୪୨)"

ଜଣେ ଚିକିତ୍ସକ ଭାବେ ସେ କେବଳ ରୋଗ ନିରାକରଣରେ ସୀମିତ ରହିନଥିଲେ; ସେ ଯନ୍ତ୍ରଣାକୁ ଅନୁଭବ କରୁଥିଲେ, ଅସହାୟଙ୍କ ଆଖିର ଲୁହକୁ ପଢ଼ିପାରୁଥିଲେ ଏବଂ ରୋଗୀଙ୍କ ମନରେ ଆଶାର ପ୍ରଦୀପ ଜ୍ୱଳାଇବାକୁ ଚିକିତ୍ସାର ଅବିଚ୍ଛିନ୍ନ ଅଂଶ ବୋଲି ବିଶ୍ୱାସ କରୁଥିଲେ। ତାଙ୍କ ପାଇଁ ଚିକିତ୍ସା ଏକ ପେଶା ନୁହେଁ, ବରଂ ଏକ ତପସ୍ୟା; ରୋଗୀ ଥିଲେ ଦେବତା ଓ ସେବା ଥିଲା ପୂଜା। ସେଥିପାଇଁ ତାଙ୍କ ଚିକିତ୍ସାରେ କେବଳ ଔଷଧର ପ୍ରଭାବ ନଥିଲା, ଥିଲା ସ୍ନେହ, ସହାନୁଭୂତି ଓ ଆତ୍ମୀୟତାର ସ୍ୱର୍ଶ।ଏବଂ କର୍ମର ମହିମାରେ ଉଜ୍ଜ୍ୱଳ।

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପାଠ ପଢି ସାରିବା ପରେ ତାଳଚେର ଲୋକେ ଉପକାର ପାଇଁ ସେ କୋଇଲାଖଣିର କୋଲିଆରି ଡାକ୍ତର ଖାନାରେ ଦେଉଳବେଡା ଚିକିତ୍ସାଳୟରେ ପ୍ରଥମେ ଯୋଗ ଦେଇଥିଲେ । ପରେ ଡେରା ଡାକ୍ତର ଖାନାରେ ଓ ପରେ ବଳଣ୍ଡା ଡାକ୍ତରଖାନାରେ ପାଞ୍ଚ ବର୍ଷ ଧରି ଜଣେ ଭଲ ଡାକ୍ତର ଭାବରେ ରୋଗୀସେବା କରୁଥିଲେ । ଘଟଣା କ୍ରମରେ ସେଠାରୁ ତାଙ୍କ ବଦଳି ଆଦେଶ ପାଇ ଡାକ୍ତର ବାବୁ ଦୁର୍ନୀତି ଠାରୁ ଦୂରରେ ରହିବା ପାଇଁ ଚାକିରିରୁ ଇସ୍ତଫା ଦେଲେ । କିନ୍ତୁ ରୋଗୀ ସେବା ବନ୍ଦ କଲେ ନାହିଁ । ହାଣ୍ଡି ଧୁଆ ଛକଠାରେ ଗୋଟିଏ ଛୋଟିଆ ଟାଇଲ ଘରେ ଗୋଟିଏ କଥା ଟେବୁଲ ଓ ଚୌକି ପକାଇ ରୋଗୀ ସେବା ଆରମ୍ଭ କଲେ ।

ପରବର୍ତ୍ତୀ ସମୟରେ ଜନଜୀବନରେ ପ୍ରବେଶ କରି ସେ ରାଜନୀତିକୁ କ୍ଷମତାର ଆସନ ଭାବେ ନୁହେଁ, ବରଂ ଜନସେବାର ବିସ୍ତୃତ କର୍ମକ୍ଷେତ୍ର ଭାବେ ଗ୍ରହଣ କରିଥିଲେ। ସାଧାରଣ ଲୋକଙ୍କ ଦୁଃଖ, ସଂଘର୍ଷ ଓ ଆଶା-ଆକାଙ୍କ୍ଷା ସହ ନିଜକୁ ଏକାତ୍ମ କରି ସେ ରାଜନୀତିକୁ ମାନବିକ ମୂଲ୍ୟବୋଧରେ ସମୃଦ୍ଧ କରିଥିଲେ। ସତ୍ୟନିଷ୍ଠା, ସ୍ୱଚ୍ଛତା, ବିନମ୍ରତା ଓ ଦୃଢ଼ ନୈତିକତା ଥିଲା ତାଙ୍କ ବ୍ୟକ୍ତିତ୍ୱର ମୂଳ ଭିତ୍ତି। ପଦବୀ ତାଙ୍କୁ ମହାନ କରିନଥିଲା; ତାଙ୍କର ଚରିତ୍ର ଓ କର୍ମ ପଦବୀକୁ ଗୌରବାନ୍ୱିତ କରିଥିଲା।ବରିଷ୍ଠ ବିଜେପି ନେତା ସୂରଥ ବିଶ୍ୱାଳ କବିତାରେ ଝରି ଉଠେ

" ରାଜ୍ୟ ରାଜପଥ ଦ୍ୱିଗୁଣିତ କଲ "
ଏକଥା ମାନନ୍ତି ସମସ୍ତ ଜନ
କୃଷିବିଜ୍ଞାନର ପରିବ୍ୟାପ୍ତି ହେଲା
ତାହା ତ କେବଳ ତୁମରି ଦାନ । (ପୃ ୪୨ )

ତାଙ୍କ ସମଗ୍ର ଜୀବନ ଆମକୁ ଏହି ସତ୍ୟର ଅନୁଭବ କରାଏ ଯେ, ମଣିଷର ସର୍ବଶ୍ରେଷ୍ଠ ପରିଚୟ ତାହାର ସମ୍ପଦ କିମ୍ବା କ୍ଷମତାରେ ନୁହେଁ; ବରଂ ତାହାର ସେବା, ସଂସ୍କାର, ସହୃଦୟତା ଓ କର୍ମନିଷ୍ଠାରେ। ସେ ଏକ ହାତରେ ରୋଗାକ୍ରାନ୍ତ ଶରୀରକୁ ସୁସ୍ଥ କରୁଥିଲେ, ଅନ୍ୟ ହାତରେ ସମାଜର ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରୁଥିଲେ। ଏହି ଦୁଇ ଧାରାର ସମନ୍ୱୟ ତାଙ୍କୁ କେବଳ ଜଣେ ସଫଳ ଚିକିତ୍ସକ କିମ୍ବା ଦକ୍ଷ ରାଜନେତା ନୁହେଁ, ବରଂ ଏକ ଯୁଗପ୍ରବର୍ତ୍ତକ ମାନବତାବାଦୀ ରୂପେ ପ୍ରତିଷ୍ଠିତ କରିଛି।ମୁଖ୍ୟ ମନ୍ତ୍ରୀ ଙ୍କ ଉପଦେଷ୍ଟା ତଥା ଅବସର ପ୍ରାପ୍ତ ପୋଲିସ ଡି ଜି ପ୍ରକାଶ ମିଶ୍ର କୁହନ୍ତି ଯେ,"ଦେବେନ୍ଦ୍ର ପ୍ରଧାନ ଜି ତାଙ୍କର ଅସାଧାରଣ



ପ୍ରଦର୍ଶନ ଓ ତାଙ୍କ ମନ୍ତ୍ରିତ୍ୱ ସମୟରେ ଓଡ଼ିଶା ପାଇଥିବା ପ୍ରଚୁର ଲାଭ ପାଇଁ ମନେ ରହିବେ" ।

ଏହି ଗ୍ରନ୍ଥ ସେହି ମହାନ ଜୀବନର ଏକ ବିନମ୍ର ଅନ୍ୱେଷଣ। ଏହା କେବଳ ଘଟଣାବଳୀର କ୍ରମବର୍ଣ୍ଣନା ନୁହେଁ, ବରଂ ଜଣେ ମହାନ ମଣିଷଙ୍କ ଜୀବନଦର୍ଶନ, କର୍ମଦର୍ଶନ ଓ ମାନବିକ ମୂଲ୍ୟବୋଧର ଏକ ସାର୍ଥକ ପାଠ। ଆଶା କରାଯାଏ, ତାଙ୍କ ଜୀବନର ଏହି ଆଖ୍ୟାନ କେବଳ ପାଠକଙ୍କୁ ତଥ୍ୟ ଦେବ ନାହିଁ; ବରଂ ସେବା, ସମର୍ପଣ ଓ ସତ୍ୟନିଷ୍ଠ ଜୀବନ ପ୍ରତି ଏକ ନୂତନ ଆସ୍ଥା ଜାଗ୍ରତ କରିବ। କାରଣ କେତେକ ଜୀବନ ଶେଷ ହୁଏ ନାହିଁ ବରଂ ସେମାନଙ୍କୁ ଚିରସ୍ମରଣୀୟ କରେ।

ଇତିହାସ କେବଳ ସେହି ଲୋକଙ୍କୁ ମନେ ରଖେ ନାହିଁ, ଯେଉଁମାନେ ଉଚ୍ଚ ପଦବୀ ଅଳଙ୍କୃତ କରିଥାନ୍ତି;, ଯେଉଁମାନେ ନିଜ ଜୀବନକୁ ଅନ୍ୟର ସୁଖ, ଶାନ୍ତି ଓ କଲ୍ୟାଣ ପାଇଁ ଉତ୍ସର୍ଗ କରିଦିଅନ୍ତି। ଏପରି ମହାନ ବ୍ୟକ୍ତିତ୍ୱମାନେ ସମୟର ସୀମାକୁ ଅତିକ୍ରମ କରି ପିଢ଼ି ପରେ ପିଢ଼ି ପାଇଁ ପ୍ରେରଣାର ଉତ୍ସ ପାଲଟିଯାଆନ୍ତି। ସେହିଭଳି ଏକ ଉଜ୍ଜ୍ୱଳ ନାମ ହେଉଛି ,ଡାକ୍ତର ଦେବେନ୍ଦ୍ର ପ୍ରଧାନ । ତାଙ୍କ ଜୀବନ ଥିଲା କର୍ମଯୋଗ, ମାନବିକତା, ନୈତିକତା ଓ ନିଷ୍କାମ ସେବାର ଏକ ଅନନ୍ୟ ଦୃଷ୍ଟାନ୍ତ।

ବୈଜ୍ଞାନିକ ଡକ୍ଟର ବସନ୍ତ କୁମାର ପଣ୍ଡା ମୁକ୍ତ କଣ୍ଠରେ କହୁଛନ୍ତି "ଯାହାଙ୍କ ପାଇଁ ଏତେବଡ ସଂସ୍ଥା ଓଡ଼ିଶାରେ ସ୍ଥାପିତ ହେଲା । ତାଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ରେ ମୁଁ ଆଉ ଏକ ଗଞ୍ଜା ଉଦ୍ଭାବନ କଲି ଯାହାର ନାଁ ଦେବେନ୍ଦ୍ର । ବଣ ରାଜ କୁକୁଡା ଚାଷୀମାନେ ସଦା ସର୍ବଦା ଡାକ୍ତର ପ୍ରଧାନଙ୍କୁ ମନେ ରଖିବେ । ସାରଙ୍କ ଅମାୟିକ ବ୍ୟବହାର ,ସରଳତା ଭିତରେ ମୁଁ ତାଙ୍କ ଏକାଗ୍ରତା ଓ ନିଷ୍ଠାକୁ ଅନୁଭବ କରିଛି। ପ୍ରତିଶ୍ରୁତି ଦିଅନ୍ତି ନାହିଁ । ଅଭିଯୋଗ ଶୁଣନ୍ତି ।" (ପୃ ୩୭)

ଏହାଠାରୁ ଭଲ କଥା ଜଣେ ରାଜନୀତିଜ୍ଞ ନେତା ପାଖରେ କଣ ହୋଇପାରେ । ଅନ୍ୟ ନେତା ମାନଙ୍କ ଠାରୁ ସେ ନିଶ୍ଚିତ ରୂପେ ନିଆରା । ନିଜର ପ୍ରଚାର ଓ ପ୍ରସାର ଠାରୁ ବହୁତ ଦୂରରେ ତାଙ୍କର ସ୍ୱପ୍ନ ହେଉଛି ତାଙ୍କର ଯୋଜୋନା ।ଅନ୍ୟମାନଙ୍କ ପରି ରାଜନୀତିକୁ ଜୀବନର ଶେଷ ଆଶ୍ରୟ ବୋଲି ନଭାବି ଜନସେବାର ଏକ ମାଧ୍ୟମ ବୋଲି ଭାବୁଥିଲେ ।

ଜଣେ ଚିକିତ୍ସକ ଭାବେ ସେ ରୋଗୀଙ୍କ ଶରୀର ସହିତ ସେମାନଙ୍କ ମନର ଯନ୍ତ୍ରଣାକୁ ମଧ୍ୟ ବୁଝୁଥିଲେ। ତାଙ୍କ ପାଇଁ ଚିକିତ୍ସା କେବଳ ଜୀବିକାର ମାଧ୍ୟମ ନୁହେଁ, ଏହା ଥିଲା ମାନବସେବାର ଏକ ପବିତ୍ର ବ୍ରତ। ଧନୀ-ଦରିଦ୍ର, ପରିଚିତ-ଅପରିଚିତ, ସହର-ଗାଁ—କୌଣସି ଭେଦଭାବ ତାଙ୍କ ସେବାଭାବକୁ ସ୍ୱର୍ଶ କରିପାରିନଥିଲା। ତାଙ୍କ ଚିକିତ୍ସା କକ୍ଷରେ ଔଷଧ ସହିତ ମିଳୁଥିଲା ଆତ୍ମବିଶ୍ୱାସ, ସହାନୁଭୂତି ଓ ମାନବିକ ସ୍ୱର୍ଶ। ସେ ବିଶ୍ୱାସ କରୁଥିଲେ—ରୋଗୀଙ୍କ ମୁହଁରେ ଫୁଟିଉଠୁଥିବା ସୁସ୍ଥତାର ହସ ହିଁ ଜଣେ ଡାକ୍ତରଙ୍କ ସର୍ବୋଚ୍ଚ ପୁରସ୍କାର। କିନ୍ତୁ ତାଙ୍କ ସେବା ସେଠାରେ ସୀମିତ ରହିଲା ନାହିଁ। ସମାଜର ବ୍ୟାପକ କଲ୍ୟାଣ ପାଇଁ ସେ ସାର୍ବଜନୀନ ଜୀବନରେ ପ୍ରବେଶ କଲେ। ରାଜନୀତିକୁ ସେ କେବେ ବ୍ୟକ୍ତିଗତ ପ୍ରତିଷ୍ଠା କିମ୍ବା କ୍ଷମତାର ମାଧ୍ୟମ ଭାବେ ଦେଖିନଥିଲେ; ବରଂ ଏହାକୁ ସେ ମଣିଷର ସେବା କରିବାର ଏକ ବିଶାଳ କ୍ଷେତ୍ର ଭାବେ ଗ୍ରହଣ କରିଥିଲେ। ସତ୍ୟନିଷ୍ଠା, ସ୍ୱଚ୍ଛତା, ଦୂରଦୃଷ୍ଟି ଓ ଲୋକକଲ୍ୟାଣ ପ୍ରତି ଅବିଚଳ ପ୍ରତିବଦ୍ଧତା ତାଙ୍କ ଜନଜୀବନର ପ୍ରମୁଖ ବୈଶିଷ୍ଟ୍ୟ ଥିଲା। ପଦ ତାଙ୍କୁ ବଡ଼ କରିନଥିଲା; ବରଂ ତାଙ୍କ ବ୍ୟକ୍ତିତ୍ୱ ପଦର ଗରିମାକୁ ବୃଦ୍ଧି କରିଥିଲା।

ସେଥିପାଇଁ ବୋଧେ ଭାରତୀୟ ମଜଦୁର ସଂଘ ପୂର୍ବତନ ରାଜ୍ୟ ସଂଗଠନ ସମ୍ପାଦକ ସରୋଜ ମିତ୍ର କହନ୍ତି –"ଦଳର ସର୍ବୋଚ ସ୍ଥାନ ପାଇବା ପରେ ମଧ୍ୟ ଅହଂକାର ଦାମ୍ଭିକତା ତାଙ୍କ ମନରେ ସ୍ଥାନ ପାଇ ନାହିଁ " ସେହିପରି ସେ ଲେଖିଛନ୍ତି "ଅମାୟିକ ,ନିଷ୍କପଟ ଚରିତ୍ର ଥିବା ସତ୍ୱେ ଉଚ ଅଭିଳାଷ କିମ୍ବା ପଦ ପ୍ରାପ୍ତି ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଉଦ୍ୟମ କରିବା ତାଙ୍କ ପ୍ରକୃତିର ବ୍ୟତିକ୍ରମ ।"(ପୃ ୨୩୨)

ତାଙ୍କ ଜୀବନର ସବୁଠାରୁ ବଡ଼ ଶକ୍ତି ଥିଲା ତାଙ୍କର ସରଳତା। ଉଚ୍ଚ ପଦବୀରେ ଥାଇ ମଧ୍ୟ ସେ ସାଧାରଣ ଲୋକଙ୍କ ସହ ସମାନ ଆତ୍ମୀୟତାରେ ମିଶୁଥିଲେ। ତାଙ୍କ କଥାରେ ଥିଲା ମଧୁରତା, ବ୍ୟବହାରରେ ଥିଲା ବିନମ୍ରତା ଓ ନିଷ୍ପତ୍ତିରେ ଥିଲା ଦୃଢ଼ତା। ସେ ଜାଣିଥିଲେ, ଜଣେ ସତ୍ୟ ନେତାଙ୍କ ପରିଚୟ ତାଙ୍କର ପଦବୀରେ ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସରେ ନିହିତ।

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କୁହନ୍ତି – ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓ ମୁଁ ପ୍ରାୟ ଏକା ବୟସର ସେ ଡାକ୍ତରୀ ଚାକିରି ଛାଡି ପ୍ରତ୍ୟକ୍ଷ ରାଜନୀତିରେ ଯୋଗ ଦେବା ଦିନୁ ମୁଁ ତାଙ୍କୁ ଜାଣିଥିଲି ସେ କେନ୍ଦ୍ରରେ ସଡକ ପରିବହନ ମନ୍ତ୍ରୀ ଥିବାବେଳେ ଓଡ଼ିଶାର ରାଜପଥ ଦୁଇଗୁଣ ବୃଦ୍ଧି ପାଇଥିଲା ।'' (ପୃ ୨୫ )ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଜୀବନ ଆମକୁ ଶିଖାଏ ଯେ, ମଣିଷର ପ୍ରକୃତ ମହାନତା ତାହାର ସମ୍ପଦ କିମ୍ବା କ୍ଷମତାରେ ନୁହେଁ, ବରଂ ତାହାର ସେବାଭାବ, ନୈତିକତା ଓ କର୍ମନିଷ୍ଠାରେ। ସେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧକୁ ସର୍ବୋଚ୍ଚ ସ୍ଥାନ ଦେଇଥିଲେ। ତାଙ୍କର ସମଗ୍ର ଜୀବନ ଥିଲା 'ସେବା ହିଁ ଧର୍ମ' ଏହି ଆଦର୍ଶର ଜୀବନ୍ତ ପ୍ରତିଫଳନ। ସେଥିପାଇଁ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଡାକ୍ତର ବାବୁଙ୍କ ସମ୍ପର୍କରେ ରେ କୁହନ୍ତି –"ଜଣେ ସାଂସଦ ଦେବେନ୍ଦ୍ର ବାବୁଙ୍କ ଭଳି ସରଳ ,ନିର୍ମଳ ଓ ଦୃଢ ମନା ନେତାଙ୍କ ସହିତ ଲୋକ ସଭାରେ କାର୍ଯ୍ୟ କରିବାର ଓ ତାଙ୍କ ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ମୋତେ ମିଳିଥିଲା । ତାଙ୍କର ଅମାୟିକ ବ୍ୟବହାର ,ସରଳ ଜୀବନ ଶୈଳୀ ,ବନ୍ଧୁ ବତ୍ସଳତା ଓ ଉଦାର ମନୋଭାବ ତାଙ୍କ ବ୍ୟକ୍ତିତ୍ୱକୁ ସମୃଦ୍ଧ କରିଥିଲା। (ପୃ ୨୫)

ସମସ୍ତଙ୍କ ଗହଣରେ ନିଜକୁ ଆଦୃତ କରିଥିବା ଏହି ଜନନେତା ନିଜର ଦୃଢ ମନୋବଳ ସଂକଳ୍ପ ହେତୁ ନୂତନ ରାଜପଥ ନିର୍ମାଣରେ ତାଙ୍କ ଅବଦାନ ଏକ ମାଇଲଖୁଣ୍ଟ ପରି ଗଣା ହେଉଥିବ । ଯେଉଁଥିପାଇଁ , ଗଣ ମାଧ୍ୟମ ଓ ଯୋଗାଯୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀଙ୍କ ଦୃଷ୍ଟିରେ ଓଡ଼ିଶାର ରାଜପଥ ବିକାଶ କ୍ଷେତ୍ରରେ ଜଣେ ସାଂସଦ ଓ କେନ୍ଦ୍ର ମନ୍ତ୍ରୀ ଭାବରେ ଡାକ୍ତର ପ୍ରଧାନ ଙ୍କ ଅବଦାନ କୁ ରାଜ୍ୟ ବାସୀ ସବୁବେଳେ ମନେରଖିବେ ରାଜ୍ୟ ପରିବହନ ଓ କୃଷି କ୍ଷେତ୍ରକୁ ଡାକ୍ତର ପ୍ରଧାନ ଙ୍କରଅବଦାନ ଅଦ୍ୱିତୀୟ । ''(ପୃ ୩୦ )

ଆଜି ସେ ଶାରୀରିକ ଭାବେ ଆମ ମଧ୍ୟରେ ନ ଥାଇପାରନ୍ତି, କିନ୍ତୁ ତାଙ୍କର କର୍ମ, ଚିନ୍ତାଧାରା, ଆଦର୍ଶ ଓ ମାନବିକତା ଅସଂଖ୍ୟ ହୃଦୟରେ ଚିରଞ୍ଜୀବ। ତାଙ୍କ ଜୀବନ କେବଳ ଏକ ଜୀବନୀର ବିଷୟ ନୁହେଁ; ଏହା ଏକ ଜୀବନଦର୍ଶନ, ଯାହା ଆମକୁ ମଣିଷକୁ ଭଲପାଇବା, କର୍ତ୍ତବ୍ୟକୁ ସମ୍ମାନ କରିବା ଏବଂ ସମାଜ ପ୍ରତି ନିଜ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବାର ପ୍ରେରଣା ଦିଏ।

ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀଙ୍କ ଦୃଷ୍ଟିରେ – ଅବଧି ସ୍ୱଳ୍ପ ହେଲେ ମଧ୍ୟ ଯାହାଙ୍କ ଲକ୍ଷ ନିଜ ମାଟିର ବିକାଶ ସେ ଚୁପ ରହିବେ ବା କେମିତି ? କେନ୍ଦ୍ରରେ ରାଷ୍ଟ୍ର ମନ୍ତ୍ରୀ ହୋଇ ମଧ୍ୟ ଓଡ଼ିଶାର ବିକାଶରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ନୂଆ ଇତିହାସ ସୃଷ୍ଟି କଲେ । (ପୃ ୨୯)


'ଡାକ୍ତର ବାବୁ'ଏହି ଜୀବନୀ ଗ୍ରନ୍ଥର ମହାନାୟକଙ୍କର ସେହି ମହାନ ଜୀବନକୁ ବିନମ୍ର ପ୍ରଣାମ। ଏହା କେବଳ ଘଟଣାବଳୀର ସଂକଳନ ନୁହେଁ, ବରଂ ଜଣେ ମହାନ ମଣିଷଙ୍କ ଚରିତ୍ର, ଚିନ୍ତା, ସେବା, ସଂଘର୍ଷ ଓ ଆଦର୍ଶର ସୁଗନ୍ଧକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଏକ ବିନମ୍ର ପ୍ରୟାସ। ତାଙ୍କର ଜୀବନ ଯେତେ ଅଧ୍ୟୟନ କରାଯିବ, ସେତେ ନୂଆ ପ୍ରେରଣାର ଦ୍ୱାର ଉନ୍ମୁକ୍ତ ହେବ। ସତ୍ୟ, ସେବା ଓ ସମର୍ପଣର ଏହି ଉଜ୍ଜ୍ୱଳ ପ୍ରଦୀପ ଆଗାମୀ ପିଢ଼ିର ପଥକୁ ସଦା ଆଲୋକିତ କରୁଥିବ।ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱକୁ ନେଇ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ଅଭିମତରେ ତାଙ୍କ ଜୀବନର ବହୁମାତ୍ରିକ ଦିଗ ଉନ୍ମୋଚିତ ହୋଇଛି। ଜଣେ ସମାଜସେବୀ, ଦୂରଦର୍ଶୀ ରାଜନେତା, ସରଳ ମଣିଷ ଏବଂ ଓଡ଼ିଶାର ବିକାଶ ପ୍ରତି ନିଷ୍ଠାବାନ କର୍ମଯୋଗୀ ଭାବେ ସେ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ଅଭିମତରେ ବ୍ୟବହୃତ ଅସଂଖ୍ୟ ବିଶେଷଣ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ମହିମାକୁ ପ୍ରକାଶ କରିବାରେ ସମର୍ଥ ନୁହେଁ। ବାସ୍ତବରେ, ତାଙ୍କ ଜୀବନ ଓ କର୍ମ ହିଁ ତାଙ୍କର ସର୍ବଶ୍ରେଷ୍ଠ ପରିଚୟ। ସେହି ପ୍ରେରଣାଦାୟକ ଜୀବନଗାଥା ଏହି କାଳର ସ୍ରୋତରେ ଅମ୍ଳାନ ରହି ଆଗାମୀ ପିଢ଼ିକୁ କର୍ତ୍ତବ୍ୟ, ଆଦର୍ଶ ଓ ଜନସେବାର ପଥରେ ଅନୁପ୍ରାଣିତ କରିବ।

**ବରିଷ୍ଠ ଗବେଷିକା**
**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର**
**ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର**
**ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬**





# ତ୍ରିପୁରା ରାଜ୍ୟ ସମବାୟ ବ୍ୟାଙ୍କ ହେଲା ଭାରତର ପ୍ରଥମ ଗ୍ରାମୀଣ ସମବାୟ ବ୍ୟାଙ୍କ




ତ୍ରିପୁରା: ତ୍ରିପୁରା ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ଼ (ଟିଏସସିବି) ଭାରତରେ ଏକ ଐତିହାସିକ କୃତି ହାସଲ କରିଛି। ଏହି ବ୍ୟାଙ୍କ ଦେଶର ପ୍ରଥମ ଗ୍ରାମୀଣ ସମବାୟ ବ୍ୟାଙ୍କ (**RCB**) ଭାବେ ଜିପିଏନଆଇସି (**GePNIC**) ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ ସହିତ ଏକୀକୃତ ହୋଇଛି ଏବଂ ନ୍ୟାସନାଲ ଇ-ଗଭର୍ନାନ୍ସ ସର୍ଭିସେସ୍ ଲିମିଟେଡ଼ (ନେଏସଏଲ/**NeSL**) ମାଧ୍ୟମରେ ଇଲେକ୍ଟ୍ରୋନିକ୍ ବ୍ୟାଙ୍କ ଗ୍ୟାରେଣ୍ଟି (ଇ-ବିଜି/ର-**BG**) ଜାରି କରିବାର ଅନୁମତି ପାଇଛି।

ନେଏସଏଲ ସହିତ ସଫଳତାର ସହ ପରୀକ୍ଷଣ (ଟେଷ୍ଟିଂ) ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପରେ ଟିଏସସିବିକୁ ଜିପିଏନଆଇସି ପ୍ରୋକ୍ୟୁରମେଣ୍ଟ ପୋର୍ଟାଲରେ ଇ-ବିଜି ଜାରି କରିବା ପାଇଁ ସରକାରୀ ଭାବେ ଅନବୋର୍ଡ (**onboard**) କରାଯାଇଛି। ୨୦୨୬ ଜୁଲାଇ ୨୭ ତାରିଖ ସୁଦ୍ଧା ନେଏସଏଲର ସର୍ବଶେଷ ଏକୀକୃତ ବ୍ୟାଙ୍କ ତାଲିକାରେ ମଧ୍ୟ ଏହି ବ୍ୟାଙ୍କର ନାମ ସାମିଲ ହୋଇଛି। ଏହି ତାଲିକାରେ ବ୍ୟାଙ୍କ ଅଫ୍ ବରୋଦା, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, କାନାରା ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଓ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭଳି ପ୍ରମୁଖ ସାର୍ବଜନୀନ ଓ ବେସରକାରୀ କ୍ଷେତ୍ରର ବ୍ୟାଙ୍କମାନେ ମଧ୍ୟ ରହିଛନ୍ତି। ନେଏସଏଲ ନିଜ ଯୋଗାଯୋଗରେ ଟିଏସସିବିକୁ ଅନବୋର୍ଡିଂ ପ୍ରକ୍ରିୟା ସଫଳତାର ସହ ସମ୍ପୂର୍ଣ୍ଣ କରିଥିବାରୁ ଅଭିନନ୍ଦନ ଜଣାଇଛି ଏବଂ ବ୍ୟାଙ୍କକୁ ତା'ର ସମସ୍ତ ଶାଖା ଓ ଗ୍ରାହକମାନଙ୍କ ସହ ଇ-ବିଜି ପରିଚାଳନା ପ୍ରକ୍ରିୟା (ଅପରେଟିଂ ପ୍ରୋସିଜର) ବାଣ୍ଟିବାକୁ ପରାମର୍ଶ ଦେଇଛି।

ଏହି ଏକୀକରଣ ଫଳରେ ଟିଏସସିବି ସରକାରୀ ଟେଣ୍ଡର ପାଇଁ ଜିପିଏନଆଇସି ପୋର୍ଟାଲ ମାଧ୍ୟମରେ ସୁରକ୍ଷିତ ଓ କାଗଜବିହୀନ ଇଲେକ୍ଟ୍ରୋନିକ୍ ବ୍ୟାଙ୍କ ଗ୍ୟାରେଣ୍ଟି ଜାରି କରିପାରିବ। ଏହା ଦ୍ୱାରା ବ୍ୟାଙ୍କର (**nunfund**) ଫି-ଆଧାରିତ ବ୍ୟବସାୟ ବୃଦ୍ଧି ପାଇବ ସହିତ ଠିକାଦାର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଓ ଅନ୍ୟାନ୍ୟ ବିଡରମାନଙ୍କୁ ଦ୍ରୁତ ଓ ଅଧିକ ଦକ୍ଷ ସେବା ପ୍ରଦାନ କରିବା ସମ୍ଭବ ହେବ।

ଏହି ଉପଲବ୍ଧି ବ୍ୟାଙ୍କର ଡିଜିଟାଲ ରୂପାନ୍ତରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚିତ ହେଉଛି। ଏହା ଗ୍ରାମୀଣ ସମବାୟ ବ୍ୟାଙ୍କିଂ (**RCB**) କ୍ଷେତ୍ରରେ ଡିଜିଟାଲ ବ୍ୟାଙ୍କିଂ ସମାଧାନର ଅଧିକ ଗ୍ରହଣକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି।

# ସମବାୟ ନେତୃତ୍ୱ ବିକାଶ ତାଲିମ୍ କାର୍ଯ୍ୟକ୍ରମ



ଶେରଗଡ଼: ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ ଅଧୀନସ୍ଥ ସମବାୟ ପରିଚାଳନା ପ୍ରତିଷ୍ଠାନ, ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ଗଞ୍ଜାମ ଗଜପତି ବୃହତ୍ତର ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଅଧୀନସ୍ଥ ପ୍ରାଥମିକ ଦୁଗ୍ଧ ସମବାୟ ସମିତିମାନଙ୍କର ପରିଚାଳନା ପରିଷଦର ସଭ୍ୟା ଏବଂ କର୍ମଚାରୀମାନଙ୍କ ନିମନ୍ତେ ଏକ ଦିବସୀୟ ସମବାୟ ନେତୃତ୍ୱ ବିକାଶ ତାଲିମ୍ କାର୍ଯ୍ୟକ୍ରମ ଶେରଗଡ଼ ବ୍ଲକ୍ ଅନ୍ତଗତ ନରେନ୍ଦ୍ରପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ୍ କାର୍ଯ୍ୟକ୍ରମରେ ଶ୍ରୀଏମ. ଗଣପତି, ସଭାପତି, ଗଞ୍ଜାମ ଗଜପତି ଦୁଗ୍ଧ ସଂଘ, ବ୍ରହ୍ମପୁର, ଡ, ଦୁର୍ଗା ପ୍ରସାଦ ହୋତା, ବିଡିଓ ଶେରଗଡ଼ ବ୍ଲକ୍, ଡ, ଶ୍ରୀକାନ୍ତ ପାଣିଗ୍ରାହୀଭି,ଏଏସ, ମିସ୍ ପୁଷ୍ପିତା ପାଣିଗ୍ରାହୀ, କ୍ଷେତ୍ର ଅଧିକାରୀ, ଦୁଗ୍ଧ ସଂଘ, ମମତା ସାହୁ, ଅଧ୍ୟାପିକା, ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ସଭାପତି ଦୁଗ୍ଧ ସଂଘ ସମବାୟ ନେତୃ ବିକାଶକୁ ପାଥେୟ କରି ସମିତିର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ । ଡ,. ଦୁର୍ଗା ପ୍ରସାଦ ହୋତା ସମିତିର କାର୍ଯ୍ୟ ଦକ୍ଷତା ବିକାଶ ଉପରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଗ୍ଧ ସମିତିମାନଙ୍କରୁ ୫୦ଜଣ ପରିଚାଳନା ପରିଷଦର ସଭ୍ୟା ଏବଂ କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମିତିର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିଥିବାବେଳେ ଏହାକୁ ମମତା ସାହୁ, ଅଧ୍ୟାପିକା ସଂଯୋଜନା କରିଥିଲେ।

# ପୁଣେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୫୦ କୋଟି ବଣ୍ଡ ଇସ୍ୟୁକୁ ଆରବିଆଇ ଅନୁମୋଦନ

## ପ୍ରଥମ ଦିନରେ ୨୮ କୋଟି ସଂଗ୍ରହ




ମହାରାଷ୍ଟ୍ର: ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ (ଡିସିସିବି) ପାଇଁ ଏକ ଐତିହାସିକ ପଦକ୍ଷେପ ନେଇ ପୁଣେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ (ପିଡିସିସିବି) ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ଅନୁମୋଦନ ପରେ ଟ. ୬୫୦ କୋଟି ଟଙ୍କାର ବଣ୍ଡ ଇସ୍ୟୁ ଆରମ୍ଭ କରିଛି। ଏହା ସମବାୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏକ ବଡ଼ ମାଇଲଷ୍ଟୋନ୍ ସାଜିଛି।

ପିଡିସିସି ବ୍ୟାଙ୍କର ମ୍ୟାନେଜିଙ୍ଗ ଡାଇରେକ୍ଟର ସଞ୍ଜୟ ଶିଟୋଲେ କହିଛନ୍ତି ଯେ, ଲଞ୍ଚ୍ ଦିନର ପ୍ରତିକ୍ରିୟା ଅତ୍ୟନ୍ତ ଉତ୍ସାହଜନକ ଥିଲା। ବ୍ୟାଙ୍କ ସମବାୟ ଅନୁଷ୍ଠାନ, କ୍ରେଡିଟ୍ ସମବାୟ ସମିତି, ବ୍ୟକ୍ତିଗତ ବିନିଯୋଗକାରୀ ଏବଂ ଅନ୍ୟାନ୍ୟ ଗ୍ରାହକଙ୍କ ଠାରୁ ପ୍ରାୟ ଟ. ୨୮ କୋଟି ଟଙ୍କା ସଂଗ୍ରହ କରିଛି।

ଶିଟୋଲେ କହିଛନ୍ତି, "ଏହି ବଣ୍ଡ ଇସ୍ୟୁ ଜୁଲାଇ ୨୨ ତାରିଖରେ ଆରମ୍ଭ ହୋଇଥିଲା, ଯାହା ଆମର ପୂର୍ବତନ ଚେୟାରମ୍ୟାନ୍ ଏବଂ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଜନ୍ମଦିନ ସହିତ ମିଳିଥିଲା। ଏଥିରେ ଟ. ୫୦୦ କୋଟି ଟଙ୍କା ଦୀର୍ଘମିୟାଦୀ ସବ୍-ଅର୍ଡିନେଟେଡ୍ ବଣ୍ଡ (ଏଲ୍‌ଟିଏସ୍‌ବି) ମାଧ୍ୟମରେ ସଂଗ୍ରହ କରାଯିବ, ଯାହାର ମିୟାଦ ୧୦ ବର୍ଷ ହେବ। ବାକି ଟ. ୧୫୦ କୋଟି ଟଙ୍କା ପର୍ପେଚୁଆଲ୍ ଡେବ୍‌ଟ ଇନଷ୍ଟ୍ରୁମେଣ୍ଟ (ପିଡିଆଇ) ମାଧ୍ୟମରେ ସଂଗ୍ରହ କରାଯିବ, ଯାହାର ବାର୍ଷିକ ସୁଧ ହାର ୮.୫ ପ୍ରତିଶତ ରହିବ।"

ଏହି ବଣ୍ଡଗୁଡ଼ିକ ବ୍ୟାଙ୍କର ୨୯୪ଟି ଶାଖା ମାଧ୍ୟମରେ ମହାରାଷ୍ଟ୍ର ସାରା ଅଫର୍ କରାଯାଉଛି। ଶିଟୋଲେ କହିଛନ୍ତି ଯେ, ପିଡିସିସିବି ରାଜ୍ୟର ପ୍ରଥମ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଭାବେ ବଣ୍ଡ ଇନଷ୍ଟ୍ରୁମେଣ୍ଟ ମାଧ୍ୟମରେ କ୍ୟାପିଟାଲ୍ ସଂଗ୍ରହ କରୁଛି, ଯାହା ସମବାୟ ବ୍ୟାଙ୍କିଙ୍ଗ କ୍ଷେତ୍ର ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି।


ମହାରାଷ୍ଟ୍ର ରାଜ୍ୟ ସମବାୟ ବ୍ୟାଙ୍କର ଆଡମିନିଷ୍ଟ୍ରେଟର ବିଦ୍ୟାଧର ଆନାସ୍କର ଏହି ବଣ୍ଡ ଯୋଜନାର ଆନୁଷ୍ଠାନିକ ଉଦଘାଟନ କରିଥିଲେ। ସେ କହିଛନ୍ତି ଯେ, ଆରବିଆଇର ଅନୁମୋଦନ ପିଡିସିସିବିର ଆର୍ଥିକ ଶକ୍ତି, ଉତ୍ତମ ପରିଚାଳନା ଏବଂ ସ୍ଥିର ବିକାଶକୁ ପ୍ରତିଫଳିତ କରୁଛି। ଏହି ପଦ କ୍ଷେପକୁ ବ୍ୟାଙ୍କର ଦୀର୍ଘମିୟାଦୀ ବିସ୍ତାର ପାଇଁ ଏକ ମଜବୁତ୍ ଭିତ୍ତି ବୋଲି ସେ ବର୍ଣ୍ଣନା କରିଛନ୍ତି।

ବଣ୍ଡ ସବସ୍କ୍ରିପସନ୍ ଡ୍ରାଇଭ୍ ଆଗଷ୍ଟ ୬, ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ବ୍ୟାଙ୍କ ସମବାୟ କ୍ଷେତ୍ରର ବିନିଯୋଗକାରୀଙ୍କ ଠାରୁ ଶକ୍ତିଶାଳୀ ପ୍ରତିକ୍ରିୟା ଆଶା କରୁଛି। ଆମ ରାଜ୍ୟରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ର ସମବାୟ ବ୍ୟାଙ୍କ ମାନେ ମଧ୍ୟ ବଣ୍ଡ ଇନଷ୍ଟ୍ରୁମେଣ୍ଟ ମାଧ୍ୟମରେ ଖୋଲା ବଜାରରୁ କ୍ୟାପିଟାଲ ସଂଗ୍ରହ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଠାରୁ ସ୍ୱତନ୍ତ୍ର ଅନୁମତି ପ୍ରାପ୍ତ ହେବାକୁ ଯୋଜନା କରିବା ଆବଶ୍ୟକ।

# ଦୁଗ୍ଧ ସଂଗ୍ରହ ଓ ଗୁଣବତ୍ତାରେ ଦେଶର ନମ୍ବର-୧ ଓମ୍‌ଫେଡ

ଭୁବନେଶ୍ୱର: ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ '**Indian Dairy Expo** ୨୦୨୬' ରେ '**Excellence in Milk Procurement & Dairy Development**' ପାଇଁ **OMFED** କୁ ମିଳିଲା ସର୍ବୋଚ୍ଚ ପ୍ରଥମ ପୁରସ୍କାର। ଖାଣ୍ଟି ଶୁଦ୍ଧତା, ସ୍ୱାଦ ଓ ଗୁଣବତ୍ତା ଯୋଗୁଁ ଆଜି ସାରା ଦେଶରେ ଢଙ୍କଲରୟ ର ପ୍ରଶଂସା। ଏନ୍‌ଏନ୍‌ଏସ୍ ମିଡିଆ ଗ୍ରୁପ୍ ପକ୍ଷରୁ ଗତ ଜୁଲାଇ ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ଏହି ବିଶାଳ ପ୍ରଦର୍ଶନୀର ଆୟୋଜନରେ 'ଇଣ୍ଡିଆନ୍ ଡେରୀ ଇଣ୍ଡଷ୍ଟ୍ରି ଆଣ୍ଡ୍ ଫିସରିଜ୍ ଏକ୍ସପୋ', 'ଇଣ୍ଟର୍ନ୍ୟାସ୍ନାଲ ଏଗ୍ରିକଲଚର, ହର୍ଟି ଆଣ୍ଡ୍ ଅର୍ଗାନିକ ଏକ୍ସପୋ' ଏବଂ 'ଗଭର୍ଣ୍ଣମେଣ୍ଟ ଆଚିଭ୍‌ମେଣ୍ଟସ ଆଣ୍ଡ୍ ସ୍କିମ୍ସ ଏକ୍ସପୋ' ସାମିଲ ହୋଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶହ ଶହ ସରକାରୀ, ବେସରକାରୀ, ଘରୋଇ ଏବଂ ସମବାୟ ସଂସ୍ଥା ଏହି କାର୍ଯ୍ୟକ୍ରମରେ ନିଜ ନିଜର ଷ୍ଟଲ୍ ପକାଇଥିବା ବେଳେ ଓଡ଼ିଶାରୁ ଓମ୍‌ଫେଡ୍ ପକ୍ଷରୁ ଏକ ବିଶେଷ ଷ୍ଟଲ୍ ଖୋଲାଯାଇଥିଲା । ଏହି ଷ୍ଟଲ୍‌ରେ ଓମ୍‌ଫେଡ୍‌ର ବିଭିନ୍ନ ଲୋକପ୍ରିୟ ଜିନିଷ ଯେପରିକି: ଓମ୍‌ଫେଡ୍ ଶୁଦ୍ଧ ଘିଅ ଏବଂ ପ୍ରିମିୟମ୍ ଇ୨ ଘିଅ, ପୋଷକତତ୍ତ୍ୱରେ ଭରପୂର ଇ୨ କ୍ଷୀର, ବିଭିନ୍ନ ଫ୍ଲେଭରର ଟେଟ୍ରା ପ୍ୟାକ୍ ଲସି, ସୁସ୍ୱାଦୁ ଫ୍ଲେଭର ମିଲ୍କ ଓ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ ପ୍ରଦର୍ଶିତ ଓ ବିକ୍ରୟ କରାଯାଇଥିଲା। ଏହି ଷ୍ଟଲଟିକୁ ଓମ୍‌ଫେଡ୍ ପକ୍ଷରୁ 'ଟି ଏସ୍ ଡି ଏଣ୍ଟର ପ୍ରାଇଜେସ୍' ପରିଚାଳନା କରିଥିଲା । ଦୁଗ୍ଧ ସଂଗ୍ରହ ପ୍ରକ୍ରିୟା, ବିକାଶମୂଳକ ପଦକ୍ଷେପ, ଉତ୍ପାଦର ଶୁଦ୍ଧତା, ଗୁଣବତ୍ତା ଏବଂ ଆକର୍ଷଣୀୟ ସ୍ୱାଦ ପାଇଁ ଓମ୍‌ଫେଡ୍‌କୁ ସାରା ଦେଶରେ ଶ୍ରେଷ୍ଠ ବିବେଚିତ କରାଯାଇ ପ୍ରଥମ ପୁରସ୍କାରରେ ସମ୍ମାନିତ କରାଯାଇଛି ଏବଂ ଓମ୍‌ଫେଡ୍ ର ପ୍ରତିନିଧି ତଥା 'ଟି ଏସ୍ ଡି ଏଣ୍ଟରପ୍ରାଇଜେସ୍'ର ପରିଚାଳିକା ସ୍ନେହା ସୁନ୍ଦରାୟ ଏହି ପ୍ରତିଷ୍ଠିତ ପୁରସ୍କାର ଗ୍ରହଣ କରିଛନ୍ତି ।






# ଶରୀରରେ ବୃଦ୍ଧି ପାଉଥିବା ସୁଗାର୍ ସ୍ତରକୁ ନିୟନ୍ତ୍ରଣ କରିବାର ସହଜ ଓ ପ୍ରଭାବଶାଳୀ ଉପାୟ



ଆଜିକାଲିର ଜୀବନଶୈଳୀରେ ପ୍ରୋସେସ୍‌ଡ ଖାଦ୍ୟ, ପ୍ରସ୍ତୁତ ଖାଦ୍ୟପଦାର୍ଥ ଏବଂ ସଫ୍‌ଟ ଡ୍ରିଙ୍କ୍‌ସ ଜରିଆରେ ଆମେ ସବୁଠାରୁ ଅଧିକ ସୁଗାର୍ କଞ୍ଜ୍ୟୁମ୍ କରିଥାଉ। ଏହି ଅତିରିକ୍ତ ଶର୍କରା ଆମ ଶରୀରକୁ ବିଭିନ୍ନ ଭାବରେ କ୍ଷତି ପହଞ୍ଚାଇଥାଏ। 'ଜର୍ନାଲ ଅଫ୍ ଆମେରିକାନ୍ ମେଡିକାଲ ଆସୋସିଏସନ୍' ଅନୁଯାୟୀ, ଶରୀରରେ ଅତ୍ୟଧିକ ସୁଗାର୍‌ର ପ୍ରବେଶ ଖରାପ କିସମର କୋଲେଷ୍ଟ୍ରୋଲ୍‌କୁ ପ୍ରୋତ୍ସାହିତ କରିଥାଏ, ଯାହା ଫଳରେ ଭବିଷ୍ୟତରେ ହୃଦ୍‌ରୋଗ ଏବଂ ଡାୟାବେଟିସ୍‌ର ଆଶଙ୍କା ବହୁଗୁଣିତ ହୋଇଯାଏ। ସାଧାରଣତଃ ଜଣେ ବୟସ୍କ ବ୍ୟକ୍ତି ଦୈନିକ ପ୍ରାୟ ୩୦ ଗ୍ରାମ ସୁଗାର୍ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଉଥିବା ବେଳେ, ୪ ରୁ ୬ ବର୍ଷର ପିଲାଙ୍କ ପାଇଁ ଏହାର ମାତ୍ରା ୧୯ ଗ୍ରାମ ଏବଂ ୭ ରୁ ୧୦ ବର୍ଷର ପିଲାଙ୍କ ପାଇଁ ୩୪ ଗ୍ରାମ ନିର୍ଦ୍ଧାରିତ କରାଯାଇଛି। ପୋଷଣ ବିଶେଷଜ୍ଞ ଡାକ୍ତର ମର୍ଲିନ୍ ଗ୍ଲେନଭିଲ୍‌ଙ୍କ ଅନୁସାରେ, ନିଜର ସାଧାରଣ ଅଭ୍ୟାସରେ ବିଶେଷ ପରିବର୍ତ୍ତନ ନକରି ମଧ୍ୟ କିଛି ସହଜ ଉପାୟ ଆପଣାଇ ଆପଣ ନିଜକୁ ଡାୟାବେଟିସ୍‌ର ନକାରାତ୍ମକ ପ୍ରଭାବରୁ ଦୂରରେ ରଖିପାରିବେ। ବାହାରେ ଖାଇବା ସମୟରେ ବିଶେଷ ସଚେତନତା ଅବଲମ୍ବନ କରିବା ଜରୁରୀ। ସବୁଠାରୁ ଅଧିକ ସୁଗାର୍ ବାହାର ଖାଦ୍ୟପଦାର୍ଥ ଜରିଆରେ ହିଁ ଶରୀରକୁ ଯାଇଥାଏ। ଏଥିପାଇଁ ସ୍ପାଗେଟି ସସ୍ କିମ୍ବା ମାୟୋନିଜ୍ ବଦଳରେ ଅର୍ଗାନିକ୍ ଦହି (ୟୋଗାର୍ଟ) ବ୍ୟବହାର କରିବା ଉଚିତ୍। ସେହିପରି ଦୁକାନରୁ ସସ୍ କିଣିବା ପରିବର୍ତ୍ତେ ନିଜେ ସସ୍ ତିଆରି କରୁଥିବା ହୋଟେଲ୍ କିମ୍ବା ରେଷ୍ଟୋରାଣ୍ଟରେ ଖାଇବା ଭଲ, କାରଣ ଘରେ ବା ପ୍ରାକୃତିକ ଭାବେ ତିଆରି ହୋଇଥିବା ସସ୍‌ରେ ବଜାରଜାତ ସସ୍ ଅପେକ୍ଷା ଯଥେଷ୍ଟ କମ୍ ସୁଗାର୍ ଥାଏ।

ଏହାସହିତ ଖାଦ୍ୟ ଗ୍ରହଣର ଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଏକାଥରକେ ଅଧିକ ନଖାଇ ଅଳ୍ପ ଅଳ୍ପ କରି ବାରମ୍ବାର ଖାଇବା ଉଚିତ୍। ଯଦି ଆପଣ ଡାୟାବେଟିସ୍ କିମ୍ବା ଲୋ-ବ୍ଲଡ୍ ସୁଗାର୍‌ର ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ପାଖରେ ଚୋକଲେଟ୍ ବାର୍ କିମ୍ବା ମିଠା ବିସ୍କୁଟ୍‌ର ପ୍ୟାକେଟ୍ ରଖିବା ଦରକାର। ମାତ୍ର ଏହାର ଅର୍ଥ ମୁଖ୍ୟ ଭୋଜନକୁ ଏଡ଼ାଇବା ନୁହେଁ। ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରି ଭୋଜନ ବ୍ୟତୀତ ଅପରାହ୍ନ ଓ ସନ୍ଧ୍ୟା ସମୟରେ ମଧ୍ୟ ସାମାନ୍ୟ ସ୍ନାକ୍ସ ଗ୍ରହଣ କରିବା ଭଲ। ପ୍ରତ୍ୟେକ ତିନି ଘଣ୍ଟାରେ କ୍ରମାଗତ କିଛି ନା କିଛି ନଖାଇଲେ ରକ୍ତରେ ସୁଗାର୍ ସ୍ତର ହ୍ରାସ ପାଇବା (ଲୋ-ବ୍ଲଡ୍ ସୁଗାର୍) ସମସ୍ୟା ଦେଖାଦେଇଥାଏ। ଡାଏଟ୍‌ରୁ ସୁଗାର୍ କମ୍ କରିବା ସମୟରେ ଅତ୍ୟଧିକ ଉପବାସ (ଫାଷ୍ଟିଂ) କରିବାରୁ ନିବୃତ୍ତ ରହିବା ଜରୁରୀ। ଜଣେ ବୟସ୍କ ପୁରୁଷଙ୍କ ପାଇଁ ଦୈନିକ ଅତିକମ୍ରେ ୨୫୦୦ କ୍ୟାଲୋରୀ ଏବଂ ମହିଳାଙ୍କ ପାଇଁ ୨୦୦୦ କ୍ୟାଲୋରୀ ଆବଶ୍ୟକ ହୋଇଥାଏ। ଡାଏଟ୍‌ରେ ସୁଗାର୍ ଏବଂ କାର୍ବୋହାଇଡ୍ରେଟ୍‌ର ପରିମାଣ ହ୍ରାସ କଲେ ମଧ୍ୟ ସମ୍ପୂର୍ଣ୍ଣ ଓପାସ ରହିବା ଆଦୌ ଉଚିତ୍ ନୁହେଁ, କାରଣ ରକ୍ତରେ ସୁଗାର୍‌ର ସ୍ତର ଅତ୍ୟଧିକ କମ୍ କିମ୍ବା ଅଧିକ ହେଲେ ଶରୀରରେ ଇନ୍‌ସୁଲିନ୍ କ୍ଷରଣ ପ୍ରଭାବିତ ହୋଇଥାଏ। ଏହାସହ ଷ୍ଟ୍ରେସ୍ ହରମୋନ୍ ଯଥା- ଏଡ୍ରିନାଲିନ୍ ଏବଂ କୋର୍ଟିସୋଲ୍‌ର ସ୍ତର ମଧ୍ୟ ଏହା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଦିନସାରା ବାରମ୍ବାର ଚା' କିମ୍ବା କଫି ପିଇବାର ଅଭ୍ୟାସକୁ ନିୟନ୍ତ୍ରଣ କରିବା ସମୟ ଆସିଯାଇଛି। କ୍ୟାଫିନ୍ ଶରୀରରେ ପ୍ରବେଶ କରିବା ଦ୍ୱାରା ଏଡ୍ରିନାଲିନ୍ ଏବଂ କୋର୍ଟିସୋଲ୍ ହରମୋନ୍‌ର ସ୍ରାବ ବୃଦ୍ଧି ପାଏ, ଯାହା ଇନ୍‌ସୁଲିନ୍ କ୍ଷରଣକୁ ଗୁରୁତର ଭାବେ ପ୍ରଭାବିତ କରେ। ସେହିପରି ଚା'-କଫିରେ ସାମିଲ ଥିବା ଚିନି ଶରୀରରେ ଅଧିକ ସୁଗାର୍ ପହଞ୍ଚାଇଥାଏ। ଏଥିସହିତ ଡାଏଟ୍‌ରେ କାର୍ବୋହାଇଡ୍ରେଟ୍ ସହ ପ୍ରୋଟିନ୍‌କୁ ବାଧ୍ୟତାମୂଳକ ଭାବେ ସାମିଲ କରିବା ଦରକାର। ଖାଦ୍ୟ ଗ୍ରହଣ ପରେ କାର୍ବୋହାଇଡ୍ରେଟ୍ ଭାଙ୍ଗି ସୁଗାର୍‌ରେ ପରିଣତ ହୋଇଥାଏ, ମାତ୍ର ଆପଣ ଯେତେ ଅଧିକ ପ୍ରୋଟିନ୍ (ଯେପରିକି ଚିନାବାଦାମ ଆଦି) ଗ୍ରହଣ କରିବେ, ତାହା କାର୍ବୋହାଇଡ୍ରେଟ୍‌କୁ ସୁଗାର୍‌ରେ ପରିଣତ ହେବାର ପ୍ରକ୍ରିୟାକୁ ଧୀମା ଓ ନିୟନ୍ତ୍ରିତ କରିଦେବ। ମାନସିକ ଚାପ, ନିସଙ୍ଗତା, ବିରକ୍ତି କିମ୍ବା କ୍ରୋଧ ସମୟରେ ମିଠା ଖାଇବାର ଅଭ୍ୟାସ ବା 'କମ୍ଫର୍ଟ ଇଟିଂ'ରୁ ଦୂରେଇ ରହିବା ଜରୁରୀ। ଅନେକ ସମୟରେ ଲୋକେ ଷ୍ଟ୍ରେସ୍‌ରେ ଥିବା ବେଳେ ମିଠାକୁ କମ୍ଫର୍ଟ ଫୁଡ୍ ଭାବେ ଗ୍ରହଣ କରିଥାନ୍ତି, ଯାହା ସାମୟିକ ଶାନ୍ତି ଦେଇଥାଏ। ମାତ୍ର ଏହା ବଦଳରେ ନିଜକୁ ଅନ୍ୟ କୌଣସି ସକାରାତ୍ମକ କାର୍ଯ୍ୟରେ ବ୍ୟସ୍ତ ରଖିବା ଉଚିତ୍। ଶେଷରେ, ଶରୀରର ଓଜନ ନିୟନ୍ତ୍ରଣରେ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, କାରଣ ମୋଟାପଣ ହିଁ ବୃଦ୍ଧି ପାଉଥିବା ସୁଗାର୍‌ର ଅସଲ କାରଣ। ନିଜ ଆହାରରେ ଓଟ୍ସ, ଦଲିଆ, ଚଣା, ରାଜମା ଏବଂ ଅଲସି ଭଳି ଫାଇବରଯୁକ୍ତ ଆହାର ସାମିଲ କରିବା ସହ ଶାରୀରିକ ସମସ୍ୟାରୁ ସହଜରେ ରକ୍ଷା ମିଳିପାରିବ।





# ସ୍ମାର୍ଟଫୋନ୍‌କୁ ଦେବ ନୂଆ ଲୁକ୍ ଦେବ ଏହି ଆପ୍

ଆଜିକାଲିର ସ୍ମାର୍ଟଫୋନ୍ ଯୁଗରେ ଅନେକ ସମୟରେ ବ୍ୟବହାରକାରୀମାନେ ନିଜ ଆଣ୍ଡ୍ରୋଏଡ୍ ସ୍ମାର୍ଟଫୋନ୍‌ରେ ଏକା ପ୍ରକାରର ଥିମ୍ ଏବଂ ଆପ୍ ଆଇକନ୍ ଦେଖି ଦେଖି ବିରକ୍ତ ହୋଇପଡ଼ନ୍ତି। ଯଦିଓ ଆପଲ୍ ଆଇଫୋନ୍‌ରେ ଆଇକନ୍ ବଦଳାଇବା ପାଇଁ ଅଧିକ ବିକଳ୍ପ ମିଳିନଥାଏ, ମାତ୍ର ଆଣ୍ଡ୍ରୋଏଡ୍ ସ୍ମାର୍ଟଫୋନ୍‌ରେ ବ୍ୟବହାରକାରୀ ନିଜ ପସନ୍ଦ ଅନୁସାରେ ୱାଲ୍‌ପେପର୍, ଥିମ୍ ଏବଂ ଆପ୍ ଆଇକନ୍‌ଗୁଡ଼ିକୁ କଷ୍ଟମାଇଜ୍ କରିପାରିବେ। ଆଣ୍ଡ୍ରୋଏଡ୍ ସ୍ମାର୍ଟଫୋନ୍‌ରେ ସିଧାସଳଖ ଆଇକନ୍ ବଦଳାଇବାର ଫିଚର୍ ନଥିବାରୁ ଏଥିପାଇଁ ଥାର୍ଡ ପାର୍ଟି ଆପ୍ଲିକେସନ୍‌ର ସହାୟତା ନେବାକୁ ପଡ଼ିଥାଏ। ଏହି କ୍ରମରେ 'ଅସମ୍ ଆଇକନ୍' ନାମକ ଏକ ଶାନଦାର ଆପ୍ଲିକେସନ୍ ବ୍ୟବହାରକାରୀଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଛି। ଏହି ଆପ୍ ଜରିଆରେ ବ୍ୟବହାରକାରୀମାନେ ନିଜ ପସନ୍ଦର ଆପ୍ ଆଇକନ୍ ଏବଂ ଲେବୁଲ୍ ବ୍ୟବହାର କରି ଆକର୍ଷଣୀୟ ଶୋର୍ଟକଟ୍ ପ୍ରସ୍ତୁତ କରିପାରିବେ, ଯାହାକୁ ହୋମ୍ ସ୍କ୍ରିନ୍ କିମ୍ବା କୌଣସି ସ୍ୱତନ୍ତ୍ର ଫୋଲ୍‌ଡରରେ ସଜାଇ ରଖାଯାଇପାରିବ। ଏହି 'ଅସମ୍ ଆଇକନ୍' ଆପ୍ଲିକେସନ୍‌କୁ ସ୍ମାର୍ଟଫୋନ୍‌ରେ ଇନ୍‌ଷ୍ଟଲ୍ କରି ଓପନ୍ କରିବା ପରେ ଫୋନ୍‌ରେ ଥିବା ସମସ୍ତ ଆପ୍‌ର ଏକ ତାଲିକା ଦେଖାଯାଇଥାଏ। ପ୍ରତ୍ୟେକ ଆପ୍ ସାମ୍ନାରେ ବିଭିନ୍ନ ପ୍ରକାରର ନୂଆ ଆଇକନ୍ ବିକଳ୍ପ ଉପଲବ୍ଧ ହୋଇଥାଏ, ଯାହାକୁ ବାଛିବା ମାତ୍ରେ ହୋମ୍ ସ୍କ୍ରିନ୍ ପାଇଁ ଏକ ନୂଆ ଶୋର୍ଟକଟ୍ ତିଆରି ହୋଇଯାଏ। ଏପରିକି ଚୟନ କରାଯାଇଥିବା ଆଇକନ୍‌ର ନାମ ବା ଲେବୁଲ୍ ପସନ୍ଦ ନହେଲେ ବ୍ୟବହାରକାରୀ ତାହାକୁ ମଧ୍ୟ ନିଜ ଇଚ୍ଛାମୁତାବକ ବଦଳାଇପାରିବେ। ଏହି ଆପ୍‌ର ସବୁଠାରୁ ଖାସ୍ ଏବଂ ନିଆରା ଫିଚର୍ ହେଉଛି ନିଜେ ନିଜର ଆଇକନ୍ ତିଆରି କରିବାର ସୁବିଧା। ବ୍ୟବହାରକାରୀ ନିଜେ କାଗଜ ଉପରେ କୌଣସି ଆଇକନ୍ ତିଆରି କରି ଫୋନ୍ କ୍ୟାମେରା ଜରିଆରେ ତାର ଫଟୋ ଉଠାଇପାରିବେ। ଯାହା ଫୋନ୍‌କୁ ଏକ ସମ୍ପୂର୍ଣ୍ଣ ନୂଆ ଏବଂ ଆକର୍ଷଣୀୟ ଲୁକ୍ ପ୍ରଦାନ କରିବ।

### ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ଦଳ ବଦଳାଇ ବି କ୍ଷମତା ପାଇଲେନି




ନୟାଗଡ଼: ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଓ ସମ୍ପାଦକଙ୍କ ମଧ୍ୟରେ ଚାଲିଥିବା ବିବାଦ ଥମିବାର ନାଁ ଧରୁନାହିଁ। ନିର୍ବାଚିତ ପରିଷଦକୁ କୋଣଠେସା କରି ଜିଲ୍ଲାପାଳଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ କରାଇଛନ୍ତି ବ୍ୟାଙ୍କ ସମ୍ପାଦକ ଅପ୍ରେଲ ୧ ତାରିଖରେ ବ୍ୟାଙ୍କ ସଭାପତି, ଉପସଭାପତି ତରବରିଆ ଭାବେ ଦଳ ବଦଳାଇଥିଲେ ମଧ୍ୟ ୪ ମାସ ମଧ୍ୟରେ କ୍ଷମତାକୁ ଭୋଗ କରି ପାରିଲେ ନାହିଁ ଓ ପରିଚାଳନା ପରିଷଦ ଥାଇ ନଥିବା ଭଳି ସ୍ଥିତି ରହିଛି। କେବଳ ଆର୍ଥିକ କ୍ଷମତା ପାଇଥିବା ଜିଲ୍ଲାପାଳଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ କରାଯାଇଛି। ଏପରିକି କର୍ମଚାରୀଙ୍କୁ ବହିଷ୍କୃତ କରିବା ଅଧିକାର କେବଳ ପରିଚାଳନା ପରିଷଦର ରହିଥିଲେ ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା କର୍ମଚାରୀଙ୍କୁ ବଦଳି, ବହିଷ୍କୃତ କରାଯିବା ଭଳି ନିଆଁ ଗିଳା କାର୍ଯ୍ୟ କରାଉଛନ୍ତି ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ। ସୂଚନାନୁସାରେ, ବ୍ୟାଙ୍କ ସମ୍ପାଦକ ଓ ପରିଚାଳନା ପରିଷଦ। ମଧ୍ୟରେ ଗଣ୍ଡଗୋଳ ସ୍ଥିତି ଥାନାଠାରୁ ଆରମ୍ଭକରି ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସବୁ ପରେ ବି ପରିଚାଳନା ପରିଷଦ କୌଣସି ସଫଳତା ପାଇନଥିଲା ଓ ନୟାଗଡ଼ ଜିଲ୍ଲାର ଜେନୈକ ନେତ୍ରୀଙ୍କ ଛତ୍ରଛାୟା ତଳେ ରହି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ତାଙ୍କ କାର୍ଯ୍ୟ କରି ଚାଲିଥିଲେ । ପରିଚାଳନା ପରିଷଦକୁ କ୍ଷମତା ଶୂନ୍ୟ କରି ଜିଲ୍ଲାପାଳଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ଆର୍ଥିକ କ୍ଷମତା ପ୍ରଦାନ କରାଯାଇଛି। ବ୍ୟାଙ୍କରେ ହୋଇଥିବା ଆୟକର ଘୋଟାଲାରେ ବ୍ୟାଙ୍କ ପରିଚାଳନା ପରିଷଦ ଅସଦ ଉପାୟରେ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଏକ ଘରୋଇ ସଂସ୍ଥାକୁ ଦେବା, ବିଭିନ୍ନ ପ୍ୟାକ୍ସରୁ ୧୫ ହଜାର ଲେଖାଏଁ ଆଦାୟ କରିବା ସେମାନଙ୍କୁ ଅଡୁଆରେ ପକାଇଥୁଲା ସବୁ ପରେ ବି ପରିଚାଳନା ପରିଷଦ ସଭାପତି ଓ ଉପସଭାପତିଙ୍କ ହାତ ଛାଡ଼ି ନଥିଲା । କିନ୍ତୁ ଗତ ଅପ୍ରେଲ ୧ ତାରିଖରେ ସଭାପତି ରବୀନ୍ଦ୍ର ନାଥ ସାହୁ ଓ ଉପସଭାପତି ମୌସୁମା ସାହୁଙ୍କ ସମେତ କିଛି ପ୍ୟାକ୍ସ ସଭାପତି ସମଗ୍ର ଜିଲ୍ଲାର ପ୍ୟାଟି ସଭାପତିକ ସହ ଛଳନା କରି ବିଜେପିରେ ମିଶିଥିଲେ । କ୍ଷମତାକୁ ଫେରିବା, ଆଇନ ଗତ ଦୃଷ୍ଟିରୁ ନିଜକୁ ସୁରକ୍ଷିତ ରଖୁବା ସେମାନଙ୍କ ମୂଳ ଲକ୍ଷ ଥିଲା। ବିଜୁ ଜନତା ଦଳ ସମର୍ଥନରେ ସଭାପତି ଓ ଉପ ସଭାପତି ପଦ ପାଇଥିବା ଦୁଇ ନେତା ଦଳ ସହ ବିଶ୍ୱାସଘାତକତା କରିଥିବା ଚର୍ଚ୍ଚା ହୋଇଥିଲା । ଏହା ପଛରେ ଆହୁରି ଅନେକ କାରଣ ମଧ୍ୟ ଉହ୍ୟ ଭାବେ ରହିଥିଲା । ଯେପରିକି ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କୁ ନୟାଗଡ଼ରୁ ହଟାଇବା ଏବଂ ଚାପ ସୃଷ୍ଟି କରୁଥିବା ନେତ୍ରୀଙ୍କଠାରୁ ବ୍ୟାଙ୍କକୁ ଦୂରେଇ ରଖୁବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହା ମଧ୍ୟରେ ୪ ମାସ ବିତିଥିରେ ସୁଦ୍ଧା ସଭାପତି ଓ ଉପସଭାପତି ନିଜ କ୍ଷମତା ଭୋଗ କରି ପାରୁନଥିବା ଏବଂ ବ୍ୟାଙ୍କ ସମ୍ପାଦକଙ୍କୁ ନୟାଗଡ଼ରୁ ହଟାଇ ପାରୁନଥିବା ଦେଖିବାକୁ ମିଳିଛି। ବ୍ୟାଙ୍କ ସମ୍ପାଦକ ବ୍ୟାଙ୍କ ଆବଶ୍ୟକ କାର୍ଯ୍ୟ ଜିଲ୍ଲାପାଳଙ୍କ ଜରିଆରେ କରୁଥିବା ବେଳେ ପରିଚାଳନା ପରିଷଦ ସମର୍ଥନରେ ରହିଥିବା କର୍ମଚାରୀଙ୍କ ଉପରେ ରାଗ ଶୁଝାଇଥିବା ଅଭିଯୋଗ ହେଉଛି । ଦଳ ବଦ ଳାଇ କ୍ଷମତାକୁ ଫେରିବାକୁ ଲକ୍ଷ ରଖୁଥିବା ସଭାପତି ଓ ଉପସଭାପତି ସମବାୟ ରାଜନୀତିରେ ଗାଣ୍ଡିଆ ବୋଲି ଚର୍ଚ୍ଚା ହେଲାଣି ।

## ଶାଖା ପରିଚାଳକ ଶୁଭଶ୍ରୀ ବହିଷ୍କୃତ

ନୟାଗଡ଼: ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଭାପୁର ଶାଖା ପୂର୍ବତନ ପରିଚାଳକ ଶୁଭଶ୍ରୀ ରାଉତରାୟଙ୍କୁ ବହିଷ୍କାର କରାଯାଇଛି। ନୟାଗଡ଼ ଜିଲ୍ଲାପାଳ ତାଙ୍କୁ ବହିଷ୍କାର କରିଥିବା ସୂଚନା ମିଳିଛି। ଗତ ବର୍ଷ ତାଙ୍କୁ ନିଲମ୍ବିତ କରାଯାଇଥିଲା । ନିଲମ୍ବନ ସମୟରେ ତାଙ୍କୁ ଇଟାମାଟି ଶାଖାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଥିଲା। ସେ ଇଟାମାଟି ଶାଖାକୁ ଯାଇନଥିବା ଏବଂ ଦୀର୍ଘଦିନ ଧରି ଅନୁପସ୍ଥିତ ରହିଥିବା କାରଣରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର କେବଳ ଆର୍ଥିକ କ୍ଷମତା ଜିଲ୍ଲାପାଳଙ୍କ ପାଖରେ ରହିଥିବା ବେଳେ ପ୍ରଶାସନିକ କ୍ଷମତା ପରିଚାଳନା ପରିଷଦ ପାଖରେ ରହିଛି। କିନ୍ତୁ ପରିଚାଳନା ପରିଷଦ ଅଜ୍ଞାତରେ ଜଣେ ଶାଖା ପରିଚାଳକଙ୍କୁ ପଦବୀରୁ ବହିଷ୍କାର କରାଯିବାକୁ ସମବାୟବିମାନେ ଗ୍ରହଣ କରି ପାରୁନାହାନ୍ତି । ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି। ଆଗାମୀ ଦିନରେ ବ୍ୟାଙ୍କ କର୍ମଚାରୀ ସଂଘ ଏହାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବା ସମ୍ଭାବନା ଦେଖାଦେଇଛି।

# ଭଡ଼ା ଘରେ ଚାଲିଛି ତଳଗଡ଼ ପ୍ରାଥମିକ କୃଷି ସମବାୟ ସମିତି

ଯାଜପୁର: କୋରେଇ ବ୍ଲକରେ ତଳଗଡ଼ ପ୍ରାଥମିକ କୃଷି ସମଦାୟ ସମିତି ୧୯୬୫ ମସିହାରେ ପ୍ରତିଷ୍ଠା ହୋଇଥିଲା । ବର୍ତ୍ତମାନ ଏହା ଅଧୁନରେ ୬ ଶଦ୍ଦରୁ ଗର୍ବ ତାହା ରହିଛନ୍ତି । ହେଲେ ପରିତାପର ବିଷୟ ଏହା ନାଁରେ ଏପର୍ଯ୍ୟନ୍ତ ଜମିପାରି ନାହିଁ। ଯାହାଫଳରେ ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟ ରେ ଏକ ସଂକୀର୍ଣ୍ଣ ଜାଗାରେ କଳାରେ କାର୍ଯ୍ୟଳୟ ଚାଲୁଛି । ଗୃହ ଅଭାବରୁ ମନ୍ଦିରେ ଚାଷୀଙ୍କ ଧାନ ବିକ୍ରି ଓ ସାର ପହିତରେ ସମଙ୍କ ତଥା ଅନ୍ୟାନ୍ୟ ଅସୁବିଧା ସୃଷ୍ଟି ହେଉଥିବା ଅ ଭିଯୋଗ ହୋଇଛି। କୋରେଇ ବ୍ଲକରେ ଥିବା ପୁରାତନ ୧୭ ଓ ନୂତନ ଭାବେ ଗଠିତ ୫ ମୋଟରେ ୨୬ ସମବାୟ ସମିତି ମଧ୍ୟରେ ୧୫ରୁ ଅଧିକ ସମିତିର ନିଜ ଜମିଥିବା ବେଳେ ତଳଗଡ଼ ସମବାୟ ସମିତି ଏଥିରୁ ବଞ୍ଚିତ ହୋଇଛି । ନିଜର ଜମିଥିବା କାରଣରୁ ଅନେକ ପ୍ରାଥମିକ କୃଷି ସମବାୟ ସମିତିର ନିଜ ଗୃହ ନିର୍ମାଣ ସମ୍ପୁର୍ଣ୍ଣ ହୋଇଛି । କେନ୍ଦ୍ର ସରକାର କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇ କୃଷକଙ୍କ ସମୃଦ୍ଧି ପାଇଁ ସହକାର ସେ ସମୃଦ୍ଧି ଯୋଜନାରେ ଗ୍ରାମାଞ୍ଚଳରେ ପୂଜା ପ୍ରାଥମିକ କୃଷି ସମବାୟ ସମିତିର ଉନ୍ନତି

ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହା ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରାଯିବାର ଲକ୍ଷ୍ୟ ରହିଛି। ଯାହା କୃଷକଙ୍କ କଲ୍ୟାଣରେ କାର୍ଯ୍ୟ କରିବ । ଏହି କ୍ରମରେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ପ୍ରତି ପ୍ରାଥମିକ କୃଷି ସମବାୟ ସମିତିକୁ ଅତି କମରେ ଗୋଟିଏ ଏକର ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଧାରରେ ରାଜ୍ୟ ମୁଖ୍ୟ ଶାସନ ରହିବ ମନୋଜ ଆହୁଜୀଙ୍କ କାର୍ଯ୍ୟଳୟ ପକ୍ଷରୁ ପତ୍ର ସଂଖ୍ୟା୦୧୦୮/୯. ୨୫ରେ ସମସ୍ତ ନିଯାନଙ୍କୁ ପ୍ରାଥମିକ କୃଷି ସମବାୟ ସମିତିକୁ ଆବଶ୍ୟକ ପରିମାଣର ସରକାରୀ ଜମି ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଅ ।ଯାଇଥିଲା । ଏହିଭଳି ଭାବେ ମଧ୍ୟ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଯତ୍ର ସଂଖ୍ୟା ୧୧୨.୬୧/୨୪ ୯.୨୫ ରେ ଜିଲ୍ଲା ସମବାୟ ସମିତି ଉପ ନିବନ୍ଧକ

## କାର୍ଯ୍ୟକାରୀ ହେଉନି ସରକାରଙ୍କ ନିର୍ଦ୍ଦେଶ

(ଡିଆଇସିଏସ୍) ଙ୍କୁ ପ୍ରାଥମିକ କୃଷି ସମବାୟ ସମିତିକୁ କର୍ମ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ରମରେ ଜିଲ୍ଲା ସମବାୟ ସମିତି ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୧୬୩୭/୧୮ ୧୧୨୫ରେ ସରକାରଙ୍କ ପୂତା କୃଷକଙ୍କ ଗାର୍ଥ ସମ୍ବଳିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ପାଇଁ ଦଳଗଡ଼ ପ୍ରାଥମିକ କୃଷି ସମବାୟ ସମିତିକୁ ଆବଶ୍ୟକ ସରକାରୀ ଜମି ଯୋଗାଳ ଦେବା ପାଇଁ ବ୍ୟାସନଗର

ସମବାୟ ସମିତି ପକ୍ଷରୁ ମଧ୍ୟ ଜର୍ମ ଯୋଗଇ ଦେବା ପାଇଁ ନହସିଲଦାର ବ୍ୟାସନଗରଙ୍କୁ ଚିଠି ଲେଖାଯାଇଥିଲା । ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ତଳଗଡ଼ ଆଉ ଆଇ, ଅମିନ ଓ କର୍ମଚାରା ସହରଡ଼ ମୌକା ଖାତା ନଂ ୬୭୦ ଫୁଟ ନଂ ୨୩୩୦ ରେ ଥିବା ଜମି ମଧ୍ୟରୁ ଏକ ଏକର ସରକାରୀ ଜମିଲ ମାପ ଓ ଏହାର ସସ ପ୍ରସ୍ତୁତ କରି ସମବାୟ ସମିତିକୁ ଜମି ଚିହ୍ନଟ ଦେବା ସହ ତହସିଲକୁ ଏହାର ତଥ୍ୟ ପ୍ରଦାନ କରିଥିଲେ।

ବ୍ୟାସନଗର ତହସିଲ ପକ୍ଷରୁ ଆଗାମୀ କାର୍ଯ୍ୟାନୁଷ୍ଠାନ ପାଇଁ ଦିହ୍ନଟ ଜମିର ସମସ୍ତ ତଥ୍ୟ ଜିଲ୍ଲା ରାଜସ୍ୱ ବିଭାଗକୁ ପ୍ରେରଣ କରାଯାଇଥିଲା । ଭାଜ ବିଭାଗ ଚିଠି ପାଇଲା ପରେ ଆଉ କିଛି ରିପୋର୍ଟ ଦେବା ପାଇଁ ବ୍ୟାସନଗର ତହସିଲକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବ୍ୟାସନଗର ସିଲରେ ରିପୋର୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏହା ରାଜ ବିଭାଗକୁ ପ୍ରେରଣ କରାଯାଇ ନଞ୍ଚରୁ ଜମି ମିଳିବାରେ ବିଳମ୍ବ ଘଟୁଛା ଅଭିଯୋଗ ହୋଇଛି । କେନ୍ଦ୍ର ସରକାର ଠାରୁ ରାଜ୍ୟ ସରକାର ଏବଂ ଜିଲ୍ଲାପାଳ ପ୍ରାଥମିକ କୃଷି ସମବାୟ ସମିତିକୁ ହଳନ୍ତ ଆବଶ୍ୟକ ଜମି ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ତଳଗଡ଼ ପ୍ରାଥମିକ କୃଷି ସମବାୟ ସମିତି କ୍ଷେତ୍ରରେ ଆବଶ୍ୟକ ରେକର୍ଡ ପତ୍ର ଦାଖଲ ହୋଇଥିବା ବେଳେ ଜମି ମିଳିବାରେ ବିଳମ୍ବ ଘଟୁଞ୍ଚୀରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସରକାରଙ୍କ ନିର୍ଦ୍ଦେଶକୁ ଏକବର୍ଷ ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଏହା ପାଳନ ହୋଇ ପାରିଲା ନାହିଁ । ଜିପାଳ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦାହିଁ ହୋଉଛି ।

## ସେବା ଦେବାରେ ଆଣ୍ଟେଇଛି ଆର୍‌ଡିଏ:

# ଆୟର ୨୦% ଖର୍ଚ୍ଚ କରି ପାରୁନି, ୭ ବର୍ଷରେ ଆୟ ୯.୩୮ କୋଟି



ରାଉରକେଲା: ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆର୍‌ଡିଏ)। ସହରବାସୀଙ୍କ ହିତ ପାଇଁ ପ୍ରତିଷ୍ଠିତ ଏହି ସଂସ୍ଥା ଏକ ପ୍ରକାର ସ୍ଥାଣୁ ପାଲଟିଛି। ଗତ ୨୦ ବର୍ଷ ମଧ୍ୟରେ ଗୋଟିଏ ବି ବାସଗୃହ ପ୍ରକଳ୍ପ କରି ପାରିନାହିଁ। ମାର୍କେଟ୍ କମ୍ପ୍ଲେକ୍ସ ଓ ଅନ୍ୟାନ୍ୟ ଦିଗରୁ ମାସକୁ ୯୩ ଲକ୍ଷରୁ ଅଧିକ ଟଙ୍କା ଆୟ ହେଉଛି। ବିଗତ କିଛି ବର୍ଷ ମଧ୍ୟରେ ୧୦୨ କୋଟିରୁ ଅଧିକ ଟଙ୍କା ଆଦାୟ ହୋଇ ସେମିତି ପଡ଼ିରହିଛି। ଆଶ୍ଚର୍ଯ୍ୟ କଥା, ଯେତିକି ଆୟ ହେଉଛି ତା'ର ୨୦% ସଂସ୍ଥା ଖର୍ଚ୍ଚ କରିପାରୁନି। ନିକଟରେ ନଗର ଉନ୍ନୟନମନ୍ତ୍ରୀ ରାଉରକେଲା ଗସ୍ତରେ ଆସିଥିଲେ। ଆର୍‌ଡିଏର ବିଭିନ୍ନ ପ୍ରକଳ୍ପ ଓ ଅନ୍ୟାନ୍ୟ ସମସ୍ୟା ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଚାଲିଗଲେ। ମନ୍ତ୍ରୀଙ୍କ ଉପସ୍ଥିତିରେ ଅଧିକାରୀ ୧୦୨ କୋଟି ଟଙ୍କା ରହିଛି ଓ ମାସକୁ ୯୩ ଲକ୍ଷରୁ ଅଧିକ ଟଙ୍କା ଆଦାୟ ହେଉଛି ବୋଲି କହିଥିଲେ। ସମୀକ୍ଷା ବୈଠକର ନିଷ୍କର୍ଷ କିଛି ଜଣାପଡ଼ିଲାନି। ତେବେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଆର୍‌ଡିଏର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି। ତଥ୍ୟ ଅନୁଯାୟୀ ଆର୍‌ଡିଏ ମାସକୁ ଯେତିକି ଅର୍ଥ ଆଦାୟ କରୁଛି, ତା'ର ୨୦% ବି ମାର୍କେଟ୍ କମ୍ପ୍ଲେକ୍ସର ରକ୍ଷଣାବେକ୍ଷଣ, ବାସଗୃହ ଓ ନୂଆ ମାର୍କେଟ୍‌ରେ ଖର୍ଚ୍ଚ କରୁନି। ଆର୍‌ଡିଏ ଅଧୀନରେ ସୁନ୍ଦରଗଡ଼ ଓ ରାଉରକେଲାରେ ୨୪ରୁ ଅଧିକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ୨୦୧୯ରୁ ୨୦୨୫, ସାତ ବର୍ଷରେ ଆର୍‌ଡିଏ ମୋଟ ୯ କୋଟି ୩୮ ଲକ୍ଷ ୬୧୦ ଟଙ୍କା ଆଦାୟ କରିଛି। ମାସକୁ କର୍ମଚାରୀଙ୍କ ଦରମା ବାବଦରେ ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ରକ୍ଷଣାବେକ୍ଷଣରେ କାଁଭାଁ ଖର୍ଚ୍ଚ କରି ବିଭାଗ କାମ ସାରିଦେଉଛି। ୨୦ଟି ମାର୍କେଟ୍‌ରୁ ଗତ ୨୦୧୯ରେ ୫୩ ଲକ୍ଷ ୮୬ ହଜାର ୧୪୩ ଟଙ୍କା, ୨୦୨୦ରେ ୮୦ ଲକ୍ଷ ୮ ହଜାର ୮୧୪ ଟଙ୍କା, ୨୦୨୧ରେ ୮୨ ୫୮ ହଜାର ୫୩୭ ଟଙ୍କା, ୨୦୨୨ରେ ୮୫ ଲକ୍ଷ ୨୧ ହଜାର ୮୯୩ ଟଙ୍କା, ୨୦୨୩ରେ ୮୭ ଲକ୍ଷ ୮୨ ହଜାର ୬୯୯ ଟଙ୍କା, ୨୦୨୪ରେ ୯୦ ଲକ୍ଷ ୪୬ ହଜାର ୧୭୯ ଟଙ୍କା ଓ ୨୦୨୫ରେ ୯୩ ଲକ୍ଷ ୧୭ ହଜାର ୫୬୫ ଟଙ୍କା ଆଦାୟ ହୋଇଛି। ସେହିପରି ଅନ୍ୟ କିଛି ଦୋକାନ, ଲଜ୍, ବାଇକ୍ ଷ୍ଟାଣ୍ଡ, ବସ୍, ବସ୍ କାଉଣ୍ଟର ଓ ଅନ୍ୟାନ୍ୟ ଦିଗରୁ ୨୦୧୯ରେ ୩୮ ଲକ୍ଷ ୮୩ ହଜାର, ୨୦୨୦ରେ ୫୮ ଲକ୍ଷ ୨୫ ହଜାର, ୨୦୨୧ରେ ୬୦ ଲକ୍ଷ, ୨୦୨୨ରେ ୬୨ ଲକ୍ଷ ୨୪ ହଜାର, ୨୦୨୩ରେ ୬୪ ଲକ୍ଷ ୫୨ ହଜାର, ୨୦୨୪ରେ ୬୬ ଲକ୍ଷ ୪୬ ହଜାର, ୨୦୨୫ରେ ୬୮ ଲକ୍ଷ ୪୫ ହଜାର ଟଙ୍କା ଆଦାୟ କରାଯାଇଛି।





# ବନ୍ୟାରେ ୨୦ ଜିଲ୍ଲାର ୭ ଲକ୍ଷ ଲୋକ ପ୍ରଭାବିତ



- ବାଙ୍କୀ-ତିଗିରିଆ ଯୋଗାଯୋଗ ବିଚ୍ଛିନ୍ନ
- ହୁଲୁହୁଲା ପୋଲ ଉପରେ ୫ ଫୁଟ ପାଣି
- ଧବଳେଶ୍ୱର, ଭଟ୍ଟାରିକା, ସିଂହନାଥ ପୀଠରେ ୧୬୩ ଧାରା ଲାଗୁ
- ତେଲ, ଉତେଇ ନଦୀରେ ବନ୍ୟା, ଶତାଧିକ ଏକର ଚାଷଜମି ଜଳମଗ୍ନ
- ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ
- ଅନୁଗୋଳ ଜିଲ୍ଲାର ୨୦ ଗାଁ ପ୍ରଭାବିତ, ଜଳଘେରରେ ୩୦ ହଜାର ଲୋକ
- ବିପଦ ସଙ୍କେତ ତଳେ ବୈତରଣୀର ବନ୍ୟା ଜଳ ପ୍ରବାହିତ

କଟକ: ମହାନଦୀ ଓ ଏହାର ପ୍ରମୁଖ ଶାଖାନଦୀ କାଠଯୋଡ଼ି ଏବେ ଫୁଲୁଛି । ଆଜି ରାତି ସୁଦ୍ଧା ମୁଣ୍ଡଳି ଓ ନରାଜରେ ବନ୍ୟା ଜଳ ବିପଦ ସଙ୍କେତ ଟପିଯିବା ଆଶଙ୍କା କରାଯାଉଛି । ରିପୋର୍ଟ ଲେଖାହେଲା ବେଳକୁ ମୁଣ୍ଡଳିରେ ୮ଲକ୍ଷ ୮୦ ହଜାର ୫୯୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବିପଦ ସଙ୍କେତଠାରୁ ମାତ୍ର ଦେଢ଼ଫୁଟ ତଳେ ପାଣି ପ୍ରବାହିତ ହେଉଛି । ନରାଜରେ ଜଳସ୍ତର ୨୫.୮୫ ମିଟର ଥିବା ବେଳେ ୪ ଲକ୍ଷ ୩୪ ହଜାର ୯୫୨ କ୍ୟୁସେକ୍ ପାଣି ପ୍ରବାହିତ ହେଉଛି । ଯୋବ୍ରା ଆନିକଟରେ ମହାନଦୀରେ ସନ୍ଧ୍ୟା ସୁଦ୍ଧା ୩ ଲକ୍ଷ ୯୭ ହଜାର ୨୪ କ୍ୟୁସେକ୍ ପାଣି ନିଷ୍କାସିତ ହେଉଥିବା ବେଳେ ଜଳସ୍ତର ୨୧.୨୦ ମିଟର ରହିଛି । ଗତକାଲି ରାତିରୁ ମହାନଦୀରେ ପାଣି ବଢ଼ିବା ସହିତ ଭଟ୍ଟାରିକା ମନ୍ଦିର ଗର୍ଭଗୃହରେ ବିଳମ୍ବିତ ରାତିରେ ପାଣି ପଶିଥିଲା । ଫଳରେ ରାତିରେ ମା'ଙ୍କୁ ଅସ୍ଥାୟୀ ମନ୍ଦିରକୁ ସ୍ଥାନାନ୍ତର କରାଯାଇଛି । ବଡ଼ମ୍ବାର ଯୋଡୁମ୍ବରେ ବୁଧବାର ରାତିରେ ମହାନଦୀ ବନ୍ଧରେ ଘାଇ ହେବା ସହିତ ଚାଷ ଜମି ବୁଡ଼ିଯାଇଛି । ମହାନଦୀରେ ବନ୍ୟାପାଣି ବଢୁଥିବାରୁ ଧବଳେଶ୍ୱର, ଭଟ୍ଟାରିକା ଓ ସିଂହନାଥ ପୀଠରେ ଆଜିଠାରୁ ବିଏନ୍ଏସ୍ ୧୬୩ ଧାରା ଲାଗୁ କରାଯାଇଛି । ବାଙ୍କୀ-ଡମପଡ଼ା ବ୍ଲକ୍‌ର ତଳିଆ ଅଞ୍ଚଳରେ ବି ମହାନଦୀର ବନ୍ୟା ପାଣି ମାଡ଼ିଯାଇଛି । ବାଙ୍କୀର ଓସ୍ତିଆ, ରତାଗଡ଼, ବାଉଁଶପୁଟ, ବନ୍ଦାଳ, କନ୍ତପହଁରା, ଘୋଳପୁର, କଦଳୀବାଡ଼ି, ବ୍ରହ୍ମପୁରା, ଅନୁଓ୍ୱାରି ଏବଂ ଡମପଡ଼ାର ସିମିଳିପୁର, ବିଲିପଡ଼ା, ତାଳବସ୍ତ, ପାର୍ଥପୁର, ହରିରାଜପୁର, କୁସପଙ୍ଗି ପଞ୍ଚାୟତର ହେକ୍ଟର ହେକ୍ଟର ଚାଷଜମିରେ ପାଣି ପଶିଯାଇଛି । ବାଙ୍କୀ-ତିଗିରିଆ ରାସ୍ତାର ରତାଗଡ଼ସ୍ଥିତ ହୁଲୁହୁଲା ପୋଲ ଉପରେ ଏବେ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ସିମିଳିପୁର-ବିଲିପଡ଼ା ରାସ୍ତାର କଇଁଆନାଳଠାରେ ରାସ୍ତା ଉପରେ ୩ ଫୁଟର ପାଣି, ବିଲିପଡ଼ାରୁ ତାଳବସ୍ତ ରାସ୍ତାରେ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ପାର୍ଥପୁର ପଞ୍ଚାୟତର ଚାରିଘରିଆ, କଇଁମୁଣ୍ଡି ଏବଂ ସିମିଳିପୁର ପଞ୍ଚାୟତର ଶୁଖୁଆଖଳା ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ହୁଲୁହୁଲା ପୋଲ ଦେଇ ମହାନଦୀର ପଛୁଆ ପାଣି ପ୍ରବେଶ କରିଥିବାରୁ ତିଗିଆର ବ୍ଲକ୍‌ର ଚାଷ ଜମିରେ ପାଣି ଜମିଯାଇଛି । ବନ୍ୟା ପ୍ରଭାବିତ ଆଠଗଡ଼ ସବ୍‌ଡିଭିଜନ୍‌ର ପ୍ରାୟ ୧୫୦୦ ବାସିନ୍ଦା, ବାଙ୍କୀ ସବ୍‌ଡିଭିଜନ୍‌ର ୬୦୦ ବାସିନ୍ଦା, କଟକ ସଦର ସବ୍‌ଡିଭିଜନ୍‌ର ୮୦୦ ବାସିନ୍ଦା ଏବଂ କେଏମ୍‌ସି ଅଞ୍ଚଳର ୧ ହଜାର ବାସିନ୍ଦାଙ୍କୁ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି । ୩ଟି ସବ୍‌ଡିଭିଜନ୍‌ରେ ଗୋଟିଏ ଲେଖାଏଁ ଓଡ୍ରାଫ୍ ଟିମ୍ ଓ କେଏମ୍‌ସି ଅଞ୍ଚଳରେ ଗୋଟିଏ ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ହୋଇଛନ୍ତି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି । ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀଙ୍କୁ ସତର୍କ ରହିବାକୁ କୁହାଯାଇଥିଲା ବେଳେ ସାପକାମୁଡ଼ା ଔଷଧ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ପାଣି କମୁଛି ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଅଧିକ ପ୍ରଭାବିତ

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ ବିଭିନ୍ନ ନଦୀରେ ବନ୍ୟା ସୃଷ୍ଟି ହୋଇଛି । ମହାନଦୀ ଓ ଏହାର ଶାଖା ନଦୀରେ ଜଳସ୍ତର ବଢୁଥିବାବେଳେ ବ୍ରାହ୍ମଣୀ, ବୈତରଣୀ ଓ ବୁଢ଼ାବଳଙ୍ଗରେ ପାଣି କମୁଛି । ହେଲେ ବିଭିନ୍ନ ନଦୀରେ ବନ୍ୟା ଏବଂ ବହୁସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇ ପାରୁନଥିବାରୁ ବର୍ତ୍ତମାନ ସୁଦ୍ଧା ୨୦ଟି ଜିଲ୍ଲାର ୭,୦୫,୨୩୨ ଜଣ ଲୋକ ପ୍ରଭାବିତ ହେଲେଣି । ବନ୍ୟା ପ୍ରକୋପରେ ଭଦ୍ରକ ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବାବେଳେ ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଲକ୍ଷାଧିକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ବନ୍ୟା ପରିସ୍ଥିତି ସଙ୍ଗିନ ଥିବାରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଆକାଶମାର୍ଗରୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ସ୍ଥିତି ପରଖିଛନ୍ତି । ରାଜସ୍ୱ ମନ୍ତ୍ରୀଙ୍କ ସହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅରବିନ୍ଦ ପାଢ଼ୀ ଏବଂ ଏସ୍ଆର୍‌ସି ରାଜେଶ ପ୍ରଭାକର ପାଟିଲ୍ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ବନ୍ୟା ଜଳ କମିବା ପରେ ଯେପରି ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ମିଳିବ ସେ ନେଇ ପଦକ୍ଷେପ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ବନ୍ୟା ଓ ଲଗାଣ ବର୍ଷାରେ ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଜିଲ୍ଲାର ମୋଟ୍ ୧୦୦ଟି ବ୍ଲକ୍‌ର ୫୩୯ଟି ଗ୍ରାମ ପଞ୍ଚାୟତର ୧୪୫୮ଟି ଗାଁ, ୧୪ଟି ସହରାଞ୍ଚଳରେ ୧୭୬ଟି ଓ୍ୱାର୍ଡର ୭,୦୫,୨୩୨ ଜଣ ପ୍ରଭାବିତ ହୋଇଛନ୍ତି । ବନ୍ୟାକୁ ନଜରରେ ରଖି ୧,୮୯,୫୯୭ ଜଣଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ, ସ୍କୁଲ ଆଦିକୁ ସ୍ଥାନାନ୍ତର କରାଯାଇଛି ।

### ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର: ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆକାଶମାର୍ଗରୁ ହେଲିକପ୍ଟର ମାଧ୍ୟମରେ ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଏବଂ ଜଳବନ୍ଦି ଅଞ୍ଚଳ ପରିଦର୍ଶନ କରି ବିସ୍ତୃତ ସମୀକ୍ଷା କରିଛନ୍ତିକ୍ଷ ମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତିକ୍ଷ ଆଜି ପୂର୍ବାହ୍ନରେ ବନ୍ୟାଞ୍ଚଳ ଗସ୍ତ ପୂର୍ବରୁ ଲୋକସେବା ଭବନଠାରେ ବର୍ଷା ଏବଂ ବନ୍ୟା ପରିସ୍ଥିତି ସମ୍ପର୍କରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀବୃନ୍ଦଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ । ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଓ ଜଳବନ୍ଦି ସ୍ଥିତିର ମୁକାବିଲା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ଓ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ସହରାଞ୍ଚଳରେ ଲୋକଙ୍କ ସୁରକ୍ଷା, ଜଳ ନିଷ୍କାସନ ଏବଂ ଆବଶ୍ୟକ ରିଲିଫ୍ ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

### ତେଲ, ଉତେଇ ନଦୀରେ ବନ୍ୟା

କର୍ଲାମୁଣ୍ଡା:କଳାହାଣ୍ଡିଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳଦେଇ ପ୍ରବାହିତ ହେଉଥିବା ତେଲନଦୀରେ ଗତରାତିରୁ ନଦୀରେ ପାଣି ଫୁଲିବା ଆରମ୍ଭ କରି ଗୁରୁବାର ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ଏହି ବ୍ଲକର ପୌରକେଲା ପଞ୍ଚାୟାତର କୁନ୍ଦେଇପାଲି ଓ ତେରେସିଂହା ଗ୍ରାମ ନିକଟକୁ ବନ୍ୟାପାଣି ମାଡିଆସିଥିବା ଦେଖାଯାଇଛି । ଯଦି ଓ ଗାଁ ଭିତରକୁ ପାଣି ପଶିନାହିଁ ହେଲେ ନଦୀତଟ ର ଶହ ଶହ ଏକର ଧାନଚାଷ ହୋଇଥିବା କ୍ଷେତରେ ବନ୍ୟା ଜଳ ମାଡି ବସିଛି । ଚାଷ ପ୍ରଭାବିତ ହୋଇଥିବା ବେଳେ ବାଲିଚର ଆଂଶକାରେ ଚାଷୀ ଆତଙ୍କିତ ରହିଛି । ସେହିପରି ପୌରକେଲା, ବୁଢୀପଦର, ଖରଝୁରା, ତେରେକେଲା, ତେରେସିଂହା, ବିନ୍ଧାଣି, ପୁଟିଗାଁ, ସରଗୁଲ, ମାଲପଡା, ଏକାତରା, ଦେଓଗାଁ ର ଚାଷ ଜମି ମଧ୍ୟ ଉଭୟ ତେଲ ଓ ଉତେଇ ନଦୀରେ ବନ୍ୟାଜଳ ଦ୍ୱାରା ପ୍ରଭାବିତ ହୋଇଚି । ଖବର ପାଇଁ ତହସିଲଦାର ଅରୁଣ ବର୍ଗେ, ରିଷିଡା ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପ୍ରଣବ ନାଏକ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ । ସେହିପରି ରିଷିଡା ପୁଲିସ ପକ୍ଷରୁ ଫାଣ୍ଡିଧିକାରୀ ମନୁଆ ବିଡିକା ସଦଳବଳ ସହ ପ୍ରଭାବିତ ଗାଁ କୁ ଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ନଦୀ ନଯିବା ପାଇଁ ଓ ପୋଷା ଗାଈ ଗୋରୁ ଓ ଅନ୍ୟାନ୍ୟ ଜୀବ କୁ ନ ଛାଡିବା ପାଇଁ ସତର୍କ କରାଇଥିଲେ ।

### ଅନୁଗୋଳ ଜିଲ୍ଲାର ୨୦ ଗାଁ ପ୍ରଭାବିତ

ଅନୁଗୋଳ: ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ବନ୍ୟା ଆସିଛି । ବନ୍ୟାଜଳ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ଓ ଟିକରପଡ଼ା ଅଞ୍ଚଳର ପ୍ରାୟ ୨୦ଟି ଗାଁରେ ପ୍ରବେଶ କରିଛି । ଏହି ଗାଁଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଅନୁଗୋଳ ଜିଲ୍ଲାର ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ବନ୍ୟାରେ କେହି ମୃତାହତ ହୋଇନଥିଲେ ମଧ୍ୟ ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡ଼ିଯାଇଛି । ମହାନଦୀରେ ବନ୍ୟାଜଳ ଆସିବା ପରେ ଗତକାଲି ଅପରାହ୍ଣରେ ଆଠମଲ୍ଲିକ ବ୍ଲକ୍ କୁଦଗାଁ ଅଞ୍ଚଳରେ ପାଣି ପଶିଥିଲା । ଏପଟେ ଜାମୁଡୋଲି, ଓଲଥ ଓ ଲୁହାସିଂହା ପଞ୍ଚାୟତର ବହୁ ଗାଁ ଜଳବନ୍ଦି ହୋଇରହିଛି । ଅଏଡ଼ା-ବିନିକେୟୀ ରାସ୍ତାରେ ଚଣାନାଳି ନାଳ ଉପରେ ୧୦ ଫୁଟ ପାଣି ରହିଥିବାରୁ ଜାମୁଡୋଲି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି । ଏଥିପାଇଁ ତହସିଲ ପ୍ରଶାସନ ପକ୍ଷରୁ ମୋଟର୍ ବୋଟ୍ ପକାଇ ଲୋକଙ୍କୁ ନେବା ଆଣିବା କରାଯାଉଛି । କୌଣସି ଜରୁରି କାମରେ ଲୋକମାନେ ଏହି ମୋଟର ବୋଟ୍‌ରେ ଯାଉଛନ୍ତି । ଅଗ୍ନିଶମ ବାହିନୀ ତରଫରୁ କୁଦଗାଁ ଓ ଓଳଥ ନିକଟରେ ଦୁଇଟି ଡଙ୍ଗା ରଖାଯାଇଛି । ଆବଶ୍ୟକ ହେଲେ ଲୋକଙ୍କୁ ନେବା ଆଣିବା କରାଯାଉଛି । ଏହା ସହିତ ବିଭିନ୍ନ ସ୍ଥାନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି ।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

Chief Editor: Sirdhartha Roy

ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

Editor - Monalisa Das

ସମ୍ପାଦିକା: ମୋନାଲିସା ଦାସ